# ବିବେକ ଏକ୍ସପ୍ରେସ୍ ଚକା ଜାମ୍‌ରୁ ବାହାରିଲା ଧୂଆଁ



ବ୍ରହ୍ମପୁର,୧୧।୭(ସ୍ମୃତିରଞ୍ଜନ ମହାଲିକ/ସୁବାସଚନ୍ଦ୍ର ପାଢ଼ୀ)

■ ଚେନ୍ ପୁଲିଂ କରି ଓହ୍ଲାଇଗଲେ ଯାତ୍ରୀ
■ ଅଧଘଣ୍ଟା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ

ବ୍ରହ୍ମପୁର ରେଳଷ୍ଟେଶନରେ ପହଞ୍ଚିବା ପୂର୍ବରୁ ମଙ୍ଗଳବାର ଅପରାହ୍ନ ସାଢେ ୧ଟାରେ ଡିବ୍ରୁଗଡ-କନ୍ୟାକୁମାରୀ ସୁପରଫାଷ୍ଟ ଏକ୍ସପ୍ରେସ (ବିବେକ ଏକ୍ସପ୍ରେସ)ର ଏସ-୧୦ ସଂରକ୍ଷଣ ବଗି ଚକା ନିକଟରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ଧୂଆଁ ଦେଖି ଯାତ୍ରୀମାନେ ଭୟଭୀତ ହୋଇ ଚେନ୍ ପୁଲିଂ କରିବାରୁ ଟ୍ରେନଟି ରାମନଗର ଲେଭଲ କ୍ରସିଂଠାରେ ଅଟକି ଯାଇଥିଲା। ଯାତ୍ରୀମାନେ ଓହ୍ଲାଇ ପଡ଼ିଥିଲେ। ବ୍ରହ୍ମପୁର ଷ୍ଟେଶନରୁ କର୍ମଚାରୀମାନେ ସେଠାରେ ପହଞ୍ଚି ଯାଞ୍ଚ କରିଥିଲେ। ଟ୍ରେନ୍‌ର ବ୍ରେକରେ ଅଖା ଲାଗିଯିବା କାରଣରୁ ନିଆଁଲାଗି ଧୂଆଁ ବାହାରିଥିବା ଜଣାପଡ଼ିଥିଲା। ବଗିରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁ ଲିଭାଯିବା ପରେ ଧୂଆଁ ବନ୍ଦ ହୋଇଥିଲା। ପ୍ରାୟ ଅଧଘଣ୍ଟା ପରେ ଟ୍ରେନଟି ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଛି।

ଯାତ୍ରୀମାନଙ୍କ କହିବାନୁଯାୟୀ, ଜଗନ୍ନାଥପୁର ଷ୍ଟେଶନରୁ ଉକ୍ତ କୋଚ୍‌ର ବ୍ରେକରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ପାଇଁ ରେଲୱେର ୧୩୮ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉ ନ ଥିବା ଜଣାପଡିଥିଲା। ପରେ ଟ୍ରେନରେ ଥିବା କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଗଲା। ସେମାନେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ତେଣୁ ବ୍ରହ୍ମପୁର ରେଳଷ୍ଟେଶନ ପୂର୍ବରୁ ବାଧ୍ୟ ହୋଇ ଚେନ୍ ପୁଲିଂ କଲୁ ବୋଲି କହିଛନ୍ତି। ତେବେ ଘଟଣାସ୍ଥଳକୁ ଯାଇଥିବା ବ୍ରହ୍ମପୁର ରେଳ ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ଏ ସମ୍ପର୍କରେ ପଚାରିବାରୁ ବ୍ରେକରେ ଅଖା ଲାଗିଯିବା କାରଣରୁ ବ୍ରେକ ବାଇଡିଂ ହୋଇ ଧୂଆଁ ବାହାରିଥିବା କହିଛନ୍ତି। ଖବର ପାଇବା ମାତ୍ରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ରେକରୁ ଧୂଆଁ ବାହାରିବା ବନ୍ଦ ହୋଇଛି। ଟ୍ରେନଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ବ୍ରହ୍ମପୁର ରେଳ ଷ୍ଟେଶନରେ ଏହା ପୂର୍ବରୁ ଗତ ଜୁନ୍ ୬ ତାରିଖରେ ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ ଏସି ବଗିରେ ଶର୍ଟ ସର୍କିଟରୁ ଧୂଆଁ ବାହାରିଥିଲା। ଯାତ୍ରୀମାନେ ଆତଙ୍କିତ ହୋଇ ଟ୍ରେନରୁ ଓହ୍ଲାଇ ପଡିଥିଲେ। ରେଲୱେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ ମଧ୍ୟ ଯାତ୍ରୀମାନେ ସେଥିରେ ଯିବାକୁ ରାଜି ହୋଇ ନ ଥିଲେ। ବ୍ରହ୍ମପୁର ଷ୍ଟେଶନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଖୋର୍ଦ୍ଧାରୋଡଠାରେ ବଗି ପରିବର୍ତ୍ତନ ନେଇ ପ୍ରତିଶ୍ରୁତି ମିଳିବା ପରେ ଯାତ୍ରୀମାନେ ଟ୍ରେନରେ ଯାତ୍ରା କରିଥିଲେ।

# ଛାତ୍ରୀଛାତ୍ରଙ୍କ ସୁରକ୍ଷା ଚିନ୍ତାରେ ଅଭିଭାବକ

ବାଲେଶ୍ୱର, ୧୧।୭(ମାନସ ବିଶ୍ୱାଳ)

■ ୱାର୍ଡେନଙ୍କ ମନମାନିକୁ ସମର୍ଥନ କରୁଛନ୍ତି ଝାଡ଼େଶ୍ୱର କଲେଜ କର୍ତ୍ତୃପକ୍ଷ
■ ଶିକ୍ଷା ବିଭାଗର ନାହିଁ ଅଙ୍କୁଶ
■ ପିଲାଙ୍କ ଭବିଷ୍ୟତ ପାଇଁ ଚୁପ୍ ରହୁଛନ୍ତି ଅଭିଭାବକ




ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ସୃତେଇବଡ଼ଗାଁସ୍ଥିତ ଝାଡ଼େଶ୍ୱର ଯୁକ୍ତ ୨ ବିଜ୍ଞାନ କଲେଜରେ ଯୁକ୍ତ ୨ ପ୍ରଥମବର୍ଷର ଛାତ୍ରୀ ସମୀକ୍ଷା ମହାନ୍ତିଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଛନ୍ତି। ଛାତ୍ରୀଜଣକ ଆତ୍ମହତ୍ୟା କରିଥିବା କଲେଜ କର୍ତ୍ତୃପକ୍ଷ ସଫେଇ ଦେଉଥିବା ବେଳେ ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଭଳି କଲେଜ କର୍ତ୍ତୃପକ୍ଷଙ୍କ ଲୋଭନୀୟ ପ୍ରତିଶ୍ରୁତିରେ ପ୍ରଭାବିତ ହୋଇ ଏହି କଲେଜରେ ନାମ ଲେଖାଇଥିବା ଶିକ୍ଷାର୍ଥୀଙ୍କ ସୁରକ୍ଷାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶିକ୍ଷାକୁ ବ୍ୟବସାୟୀକରଣ କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଏଭଳି ଛତୁଫୁଟା ଘରୋଇ ଶିକ୍ଷାନୁଷ୍ଠାନ ପ୍ରତି ଶିକ୍ଷା ବିଭାଗର ଅଙ୍କୁଶ ନ ଥିବା ପ୍ରତୀୟମାନ ହେଉଛି।

ୱାର୍ଡେନଙ୍କ ହାତରେ ପିଲାଙ୍କ ଭବିଷ୍ୟତ ଓ ସୁରକ୍ଷା ବ୍ୟବସ୍ଥା ନ୍ୟସ୍ତ କରିଦେଇ ଝାଡେଶ୍ୱର କଲେଜ କର୍ତ୍ତୃପକ୍ଷ ବ୍ୟବସାୟରେ ମାତିଥିବା ବେଳେ ୱାର୍ଡେନଙ୍କ ଶାସନ ପଦ୍ଧତି ନ ମାନିଲେ ଛାତ୍ରୀଛାତ୍ରଙ୍କୁ ମିଳୁଛି ପ୍ରଚୁର ଦଣ୍ଡ। ଫଳରେ ମାନସିକ ଚାପରେ ରହୁଥିବା କେହି ଛାତ୍ରୀଛାତ୍ର କଲେଜ ଛାଡୁଛନ୍ତି ଆଉ କେହି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ଆପଣାଉଥିବା ସମୀକ୍ଷାଙ୍କ ମୃତ୍ୟୁ ଘଟଣାରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ପିଲାଙ୍କ ଭବିଷ୍ୟତ ପାଇଁ କେତେଜଣ ଅଭିଭାବକ କଲେଜ କର୍ତ୍ତୃପକ୍ଷଙ୍କ ଔଦ୍ଧତ୍ୟକୁ ନୀରବରେ ସହିଯାଉଛନ୍ତି। ସପ୍ତାହରେ ଥରେ କିମ୍ବା ଦୁଇଥର ପରିବାର ଲୋକଙ୍କ ସହ କଥା ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଫୋନ୍ ଦିଆଯାଉଛି। ମାତ୍ର ୱାର୍ଡେନଙ୍କ ସମ୍ମୁଖରେ ରହି କଥାବାର୍ତ୍ତା ହେବାକୁ ପଡୁଛି। ଛାତ୍ରୀଛାତ୍ରମାନେ ସବୁ ଭଲ ବୋଲି ଅଭିଭାବକଙ୍କ ନିକଟରେ ମିଛରେ କହିବାକୁ ବାଧ୍ୟ ହେଉଛନ୍ତି। ମନର କଥା, ଚାପରେ ପଡ଼ିଥିବା ଘଟଣା କହିପାରୁନାହାନ୍ତି। କୌଣସି ଘଟଣା କହିଲେ ପ୍ରାକ୍ଟିକାଲରେ ନମ୍ବର କମାଇ ଦେବାର ଭୟ ଦେଖାଉଛନ୍ତି। ସବୁ ଜାଣିଶୁଣି ମଧ୍ୟ ପିଲାର ଭବିଷ୍ୟତ ପାଇଁ ଅଭିଭାବକମାନେ ନୀରବ ରହୁଥିବା ବେଳେ ଅନ୍ୟପକ୍ଷରେ ତାଙ୍କର ଜୀବନର ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତାରେ ରହୁଛନ୍ତି। ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଏବଂ କର୍ତ୍ତୃପକ୍ଷ ଆଖିବୁଜି ୱାର୍ଡେନଙ୍କ ଦମନଲୀଳାକୁ ସମର୍ଥନ କରୁଛନ୍ତି।

ଗତବର୍ଷ ନୀଳଗିରି ଅଞ୍ଚଳର ଜଣେ ଛାତ୍ରୀ ଝାଡ଼େଶ୍ୱର ଯୁକ୍ତ୨ ବିଜ୍ଞାନ କଲେଜରେ ନାମ ଲେଖାଇଥିଲେ। ସେ ବାବଦରେ ଅଭିଭାବକ ୫୦ହଜାର ଟଙ୍କା ଦାଖଲ ମଧ୍ୟ କରିଥିଲେ। ମାତ୍ର ମାସକ ପରେ ୱାର୍ଡେନଙ୍କ କଠୋର ନୀତି ଓ ବ୍ୟବହାରରେ ଅତିଷ୍ଠ ହୋଇପଡ଼ିଥିଲେ ଉକ୍ତ ଛାତ୍ରୀ। ମା'ବାପାଙ୍କୁ ଜଣାଇବା ପରେ ଝିଅର ଜୀବନ ସୁରକ୍ଷା ଚିନ୍ତାରେ ଉକ୍ତ କଲେଜରୁ ନେଇ ଆସି ଅନ୍ୟତ୍ର ଏକ କଲେଜରେ ନାମ ଲେଖାଇଥିଲେ। ସେହିପରି ଗତ କିଛିଦିନ ପୂର୍ବେ ଜଣେ ଛାତ୍ରଙ୍କୁ ୱାର୍ଡେନ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଭାବକ ଜାଣିବା ପରେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ୱାର୍ଡେନଙ୍କ ମନମାନି କମି ନ ଥିଲା। ପରେ ବିଜେଡିର ରାଜ୍ୟସ୍ତରୀୟ ଜଣେ ଯୁବନେତାଙ୍କ ସହାୟତାରେ ଉକ୍ତ ଘଟଣାର ସମାଧାନ ହୋଇଥିଲା। ଉକ୍ତ କଲେଜରୁ ଯୁକ୍ତ ୨ ପାସ୍ ହୋଇଥିବା ରେମୁଣା ଅଞ୍ଚଳର ଜଣେ ଛାତ୍ରଙ୍କ କହିବା ଅନୁସାରେ, ଶିକ୍ଷାକୁ ବ୍ୟବସାୟୀକରଣ କରି ଚାଲିଛନ୍ତି କଲେଜ କର୍ତ୍ତୃପକ୍ଷ। କୌଣସି ପ୍ରତିଶ୍ରୁତି ପୂରଣ କରୁନାହାନ୍ତି।

ସମୀକ୍ଷାଙ୍କ ମୃତ୍ୟୁ ପରେ ତାଙ୍କ ଦାଦା ୱାର୍ଡେନଙ୍କ ମାନସିକ ଚାପ ଓ ମାଡ଼ ଯୋଗୁ ଆତ୍ମହତ୍ୟା ପାଇଁ ଝିଆରୀ ବାଧ୍ୟ ହୋଇଥିବା ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଛାତ୍ରୀଙ୍କ ମା' ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୧୯/୨୩) ରୁଜୁ କରି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଥିବା କହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସାଲଖାନ ମୁର୍ମୁ ପ୍ରକାଶ କରିଛନ୍ତି।

କଲେଜର ୱାର୍ଡେନ ଚନ୍ଦନା ସାହୁ ମୃତ ସମୀକ୍ଷାଙ୍କୁ ମାଡ଼ ମାରିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଛୋଟ ଛୋଟ ପିଲାଙ୍କୁ ମୁଁ କେବେ ମାଡ଼ ମାରେନି। ଏତେ ବଡ଼ ଅଭିଯୋଗ କିପରି ଆଣୁଛନ୍ତି। ପୂର୍ବରୁ ପାଠପଢ଼ା ସମୟରେ ସେ ଅନ୍ୟ ଏକ ରୁମ୍‌କୁ ଯାଇଥିବା ବେଳେ ତାକୁ ଡାକି ଦେଇଥିଲି। ସେତେବେଳେ କୌଣସି ଗାଳିଗୁଲଜ କରି ନ ଥିବା ପ୍ରକାଶ କରିଥିଲେ।

କଲେଜର ଏମ୍‌ଡି ସର୍ବେଶ୍ୱର ସାନ୍ତରା ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଛାତ୍ରୀଛାତ୍ରଙ୍କୁ କେବେ ମାଡ଼ ମାରିବେ ନାହିଁ ବୋଲି ସମସ୍ତ ୱାର୍ଡେନଙ୍କୁ ନିର୍ଦ୍ଦେଶ ରହିଛି। ତେବେ ସମୀକ୍ଷା ଘରକୁ ଯିବ ବୋଲି ଇଚ୍ଛା କରୁଥିଲା। ଗୋଟିଏ ଗାଁରୁ ୫ରୁ ୬ ଜଣ ପିଲା କଲେଜରେ ପଢୁଛନ୍ତି। ୩ଜଣ ପିଲା ଘରକୁ ଯାଇଥିବା ବେଳେ ସେ ଘରକୁ ଯିବା ପାଇଁ ଜିଦ୍ କରିଥିଲା। କିନ୍ତୁ ତାଙ୍କ ମା' ମନା କରିଥିଲେ। ସେଥିପାଇଁ ସେ ରାଗି କି ଏଭଳି ଘଟଣା ଘଟାଇଥିବା ଆଶଙ୍କା କରୁଥିବା କହିଛନ୍ତି।

# ସରିଲା ରିମାଣ୍ଡ ଅବଧି, ଜେଲ ଫେରିଲେ ଅଭିଜିତ୍

ଭୁବନେଶ୍ୱର,୧୧।୭(ସତ୍ୟଜିତ୍ ରାଉତ

**ଓଡ଼ିଶାରୁ ଆଇଏସ୍‌ଆଇକୁ ଓଟିପି ଶେୟାରିଂ ଘଟଣା**



ଅଭିଜିତ୍ ସଞ୍ଜୟ ଜମ୍ବୁରେ

ପାକିସ୍ତାନ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍‌ସ(ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଦ୍ୱାରା ରିମାଣ୍ଡରେ ଆସି ଜେରା ହେଉଥିବା ଅଭିଜିତ ସଞ୍ଜୟ ଜମ୍ବୁରେ ମଙ୍ଗଳବାର ପୁଣି ଜେଲକୁ ଫେରିଯାଇଛନ୍ତି। ୪ ଦିନିଆ ରିମାଣ୍ଡ ଅବଧି ସରିବା ପରେ ଅଭିଯୁକ୍ତ ଅଭିଜିତ୍‌ଙ୍କୁ କୋର୍ଟରେ ହାଜର କରିଥିଲା ଏସ୍‌ଟିଏଫ୍। କୋର୍ଟଙ୍କ ଅନୁମତି ପରେ ଅଭିଜିତ୍ ଜେଲକୁ ଫେରିଥିଲେ। ତେବେ ଆଉ ଥରେ ଏସ୍‌ଟିଏଫ୍ ରିମାଣ୍ଡରେ ଆଣିପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଅଭିଜିତ୍‌ଙ୍କୁ ଆଉ ଥରେ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ ଆବେଦନ କରିନାହିଁ। ଏହି ରିମାଣ୍ଡ ଅବଧି ସମୟରେ ଏସ୍‌ଟିଏଫ୍‌କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲେ ମଧ୍ୟ ଏନେଇ ଏଜେନ୍ସି ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇନାହିଁ। ଆବଶ୍ୟକ ପଡ଼ିଲେ ଅଭିଜିତ୍‌ଙ୍କୁ ପରବର୍ତ୍ତୀ ସମୟରେ ରିମାଣ୍ଡରେ ଆଣିବାକୁ ନେଇ ବିଚାର କରାଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି କେ.କେ. ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଜିତ୍‌ଙ୍କୁ ଜେରା କରି ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଏବଂ ମହାରାଷ୍ଟ୍ର ଆଣ୍ଟି ଟେରରିଷ୍ଟ୍ ସ୍କ୍ୱାଡ୍ (ଏଟିଏସ୍) ଫେରିଯାଇଛି। ଏପରିକି ଆତଙ୍କବାଦୀ ଲିଙ୍କ୍‌ରେ ତଦନ୍ତ କରୁଥିବା ଏଟିଏସ୍ ପରବର୍ତ୍ତୀ ସମୟରେ ଅଭିଜିତ୍‌ଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ମହାରାଷ୍ଟ୍ର ନେଇପାରେ ବୋଲି ସୂଚନା ମିଳିଛି। ତେବେ ଏହି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ଦେଶଦ୍ରୋହ ଦଫା ଲାଗିବା ଭଳି ପ୍ରମାଣ ଏସ୍‌ଟିଏଫ୍ ହାତରେ ଏପର୍ଯ୍ୟନ୍ତ ଲାଗିନାହିଁ। ଏହି ମାମଲାରେ ଓଡ଼ିଶାରୁ ଆଇଟିଆଇ ଶିକ୍ଷକ ପଠାଣିସାମନ୍ତ ଲେଙ୍କାଙ୍କ ସମେତ ୫ ଏବଂ ପୁଣେରୁ ଅଭିଜିତ୍‌ଙ୍କୁ ମିଶାଇ ୬ଜଣ ଗିରଫ ହୋଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
LADY OFFICE EXECUTIVE FOR AN OFFICE AT CUTTACK AREA
FREE ACCOMMODATION
FREE RICH FOOD+ 15000
7809525452

WANTED
ଭୁବନେଶ୍ୱରର Factory ପାଇଁ କମର୍ସିଆଲ ଯାନ (Pickup) ଡ୍ରାଇଭର (Salary 9000/- ରୁ 14000/-), ରିଟେଲ ମାର୍କେଟିଂ ବିକ୍ରୟପାଇଁ ବିଟ୍ ବଏ- 1No.(Salary 8000/- ରୁ 15000/-), ଉତ୍ପାଦନ ୟୁନିଟ୍ ପାଇଁ ପ୍ଲାଣ୍ଟ ଷ୍ଟାଫ (ITI or +2 or Graduate can apply) (Salary 8000/- ରୁ 26000/-), ଏକ୍ଷ୍ଟ୍ରା ଫୁଡିଂ ପ୍ଲସ ଆକାଉମୋଡେସନ୍ AC Room & Ac hall) ଯୋଗାଯୋଗ: ୭୦୦୮୯୯୧୦୮୯, ୯୩୩୭୭୭୪୩୬୪

## ବାହାନଗା ଟ୍ରେନ୍ ଦୁର୍ଘଟଣା | ଆଉ ୪ ଦିନିଆ ରିମାଣ୍ଡରେ ୩ ଅଭିଯୁକ୍ତ

ଭୁବନେଶ୍ୱର,୧୧।୭(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲାର ବହୁ ଚର୍ଚ୍ଚିତ ବାହାନଗା ଟ୍ରେନ ଦୁର୍ଘଟଣା ମାମଲାରେ ସିବିଆଇ ଅଧିକ ଖୋଳତାଡ଼ ଚଳାଇଛି। ତେବେ ଗିରଫ ହୋଇଥିବା ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍ ଏବଂ ଟେକ୍ନିସିଆନ୍ ପପୁ କୁମାରଙ୍କ ୫ ଦିନିଆ ରିମାଣ୍ଡ ଅବଧି ମଙ୍ଗଳବାର ସରିଛି। ପରେ ପୁଣି ଥରେ ୩ ଅଭିଯୁକ୍ତଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୪ ଦିନିଆ ରିମାଣ୍ଡରେ ଆଣିଛି ସିବିଆଇ। ଶୁକ୍ରବାରଠାରୁ ୫ ଦିନିଆ ରିମାଣ୍ଡରେ ଆସିଥିବା ୩ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ମଙ୍ଗଳବାର ସରିବା ପରେ ସିବିଆଇ ଟିମ୍ ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲା। ପରେ ସମସ୍ତଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ତେବେ ଆଉ କିଛି ତଥ୍ୟ ହାସଲ ପାଇଁ ୩ ଅଭିଯୁକ୍ତଙ୍କୁ ପୁନର୍ବାର ୫ ଦିନିଆ ରିମାଣ୍ଡରେ ନେବା ପାଇଁ ସିବିଆଇ ଓକିଲ ଆବେଦନ କରିଥିଲେ। ଏହି ଆବେଦନକୁ କୋର୍ଟ ଗ୍ରହଣ କରି ୪ ଦିନିଆ ରିମାଣ୍ଡ ଅନୁମତି ଦେଇଥିଲେ। ତେବେ ସମନ ହୋଇଥିବା ଷ୍ଟେଶନ ମାଷ୍ଟରଙ୍କ ସମେତ ୩ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିବାକୁ ସିବିଆଇ ଯୋଜନା କରିଥିବା ସୂଚନା ମିଳିଛି।

ଅପରପକ୍ଷରେ ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ ଓ ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍‌ଙ୍କ ପକ୍ଷରୁ କୋର୍ଟରେ ଜାମିନ ଆବେଦନ କରାଯାଇଛି। ତେବେ ଏହି ଜାମିନ ଆବେଦନକୁ ସିବିଆଇ ପକ୍ଷରୁ ବିରୋଧ କରାଯାଇ ବିଭିନ୍ନ ଦିଗକୁ ନେଇ ଯୁକ୍ତି ଉପସ୍ଥାପନ କରାଯାଇଛି। ଜାମିନ ଆବେଦନର ଶୁଣାଣି କୋର୍ଟ ପରବର୍ତ୍ତୀ ସମୟରେ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଅଭିଯୁକ୍ତଙ୍କଠାରୁ ଦୁର୍ଘଟଣା ପଛର ପ୍ରକୃତ ସତ ଜାଣିବା ପାଇଁ ସିବିଆଇ ଟିମ୍ ପ୍ରୟାସ କରିବ। ଏହି ଦୁର୍ଘଟଣାକୁ ସେମାନେ ଜାଣିଜାଣି କରିଥିଲେ କି, ଏହା ପଛରେ ବଡ଼ ଷଡ଼ଯନ୍ତ୍ର ରହିଛି କି, ଆଉ କେତେଜଣ ରେଲୱେ ଅଧିକାରୀ ଏହି ଦୁର୍ଘଟଣାରେ ସମ୍ପୃକ୍ତ ଅଛନ୍ତି ଏଭଳି ବିଭିନ୍ନ ପ୍ରଶ୍ନ ଓ ଦିଗକୁ ନେଇ ସିବିଆଇ ତଥ୍ୟ ହାସଲ କରିବାକୁ ଆଶା ରଖିଛି। ସେପଟେ ଅଭିଯୁକ୍ତମାନେ ଗଣମାଧ୍ୟମର ପ୍ରଶ୍ନରେ ଚୁପ୍ ରହିବା ନେଇ ଉକ୍ତ ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିବା ସନ୍ଦେହକୁ ଦୃଢ କରୁଛି। ଅଭିଯୁକ୍ତମାନଙ୍କ ନାମରେ ପ୍ରାଥମିକ ତଦନ୍ତ ଆଧାରରେ ଆଇପିସି ଦଫା ୩୦୪ (ହତ୍ୟା ଉଦ୍ଦେଶ୍ୟ ନ ଥାଇ ମରଣ ମୁହଁକୁ ଠେଲିଦେବା), ୨୦୧ (ପ୍ରମାଣ ନଷ୍ଟ) ଏବଂ ୧୫୩ ରେଲ୍‌ୱେ ଆକ୍ଟ ରୁଜୁକରାଯାଇଛି। ଯଦି ଦୁର୍ଘଟଣା ସେମାନଙ୍କ ଜାଣତରେ ହୋଇଥିବ ତେବେ ଚାର୍ଜଶିଟ୍ ଦାଖଲ ସମୟରେ ସେମାନଙ୍କ ବିରୋଧରେ ଆଇପିସିର ହତ୍ୟା ଦଫା ମଧ୍ୟ ଲାଗିପାରିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଜୁନ ୨ ତାରିଖ ସନ୍ଧ୍ୟାରେ ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଏଥିରେ ମୃତ୍ୟୁ ସଂଖ୍ୟା ୨୯୩ ଛୁଇଁଥିବାବେଳେ ଏବେ ବି ଅନେକ ଆହତ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

# ପାର୍କ ପୋଖରୀରୁ ୨ ଭାଇଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ ପାର୍କ ପରିସର ପୋଖରୀରୁ ମଙ୍ଗଳବାର ସକାଳେ ବୟସ୍କ ୨ ଭାଇଙ୍କ ମୃତଦେହ ଜବତ ହୋଇଛି। ସେମାନେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ରାଜମ୍ମା ସାହିର କେ. ଜନାର୍ଦ୍ଦନ ରାଓ (୬୫) ଓ କେ.ରଙ୍ଗା ରାଓ (୬୨)। ଉଭୟେ ପାର୍କ ମଧ୍ୟକୁ କେତେବେଳେ ଆସିଲେ ଓ କେଉଁଭଳି ସ୍ଥିତିରେ ପୋଖରୀରେ ବୁଡ଼ିଗଲେ ତାହା ଜଣାପଡ଼ିନାହିଁ। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି।

ସୋମବାର ସନ୍ଧ୍ୟାରୁ ଦୁଇଭାଇ ଜନାର୍ଦ୍ଦନ ଓ ଗଙ୍ଗା ଘରୁ ବାହାରି କେଉଁଆଡ଼େ ଚାଲିଯାଇଥିଲେ। ରାତିରେ କେହି ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳେ ବିଜୁ ପଟ୍ଟନାୟକ ପାର୍କରେ ଥିବା ପୋଖରୀରେ ୨ଟି ମୃତଦେହ ଭାସୁଥିବା ପୋଲିସ ଖବରପାଇ ସେଠାରେ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀଙ୍କ ସହଯୋଗରେ ମୃତଦେହକୁ ପାଣିରୁ ବାହାର କରାଯାଇଥିଲା। ଯାଞ୍ଚ କରାଯିବାରୁ ତାହା ଜନାର୍ଦ୍ଦନ ଓ ରଙ୍ଗାଙ୍କ ମୃତଦେହ ବୋଲି ଜଣାପଡିଥିଲା। ଜନାର୍ଦ୍ଦନଙ୍କ ପୁଅ କେ. ବାଙ୍ଗାରୁ ବାବୁ ପୋଲିସ ଉପସ୍ଥିତିରେ ନିଜ ବାପା ଓ ଦାଦାଙ୍କ ମୃତଦେହ ଚିହ୍ନଟ କରିଥିଲେ। ପଞ୍ଚନାମା ବେଳେ ମୃତଦେହରେ କୌଣସି କ୍ଷତ ଚିହ୍ନ ନ ଥିବା ଦେଖାଯାଇଥିଲା। ତେବେ ଦୁଇ ଭାଇ ପାର୍କ ଭିତରକୁ କିଭଳି ଯାଇ ପୋଖରୀରେ ବୁଡ଼ିଗଲେ ସେ ନେଇ ସେଠାରେ ନିୟୋଜିତ ସୁରକ୍ଷାକର୍ମୀ ଜାଣିନାହାନ୍ତି। ସେମାନେ ନିଶାପାନ କରି ପାର୍କକୁ ଯାଇଥିବା ବେଳେ କୌଣସି କାରଣବଶତଃ ପୋଖରୀରେ ଗୋଡ଼ ଖସିଯିବାରୁ ଏପରି ଅଘଟଣ ଘଟିଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ସୋମବାର ପାର୍କରେ ୩ଟି ସିଫ୍ଟରେ କାମ କରିଥିବା ସୁରକ୍ଷାକର୍ମୀଙ୍କୁ ପୋଲିସ ପୃଥକ୍ ଭାବେ ଥାନାକୁ ଡାକି ପଚରାଉଚରା କରିଥିଲା। ସେମାନେ ଦୁଇଭାଇଙ୍କୁ ଦେଖିଥିବା ନେଇ କିଛି କହିପାରି ନ ଥିଲେ। ପାର୍କର ମୁଖ୍ୟ ଫାଟକ ନିକଟରେ ଲାଗିଥିବା ସିସି ଟିଭି ଫୁଟେଜ୍ ଯାଞ୍ଚ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଏ ନେଇ ଥାନାରେ ପୃଥକ୍ ଦୁଇଟି ଅପମୃତ୍ୟୁ ମାମଲା (୧୬,୧୭/୨୩) ରୁଜୁ ହୋଇଛି।

# ଥାନା ପାଖ ପୋଖରୀରୁ ମିଳିଲା କନଷ୍ଟେବଲଙ୍କ ମୃତଦେହ

ହାଟଡିହୀ,(ଶୁଭକାନ୍ତ ନାୟକ)/
କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ),୧୧।୭

■ ଛୁଟିରୁ ଫେରି କାର୍ଯ୍ୟରେ ଯୋଗଦେବା ପରେ ନିଖୋଜ ଥିଲେ
■ ମୋବାଇଲ ଜବତ, କଲ୍ ଡିଟେଲ୍‌ସ ଯାଞ୍ଚ ଦାବି

କେନ୍ଦୁଝର ଜିଲା ନନ୍ଦିପଦା ଥାନା ପାଖ ଏକ ପୋଖରୀରୁ ମଙ୍ଗଳବାର ଜଣେ କନଷ୍ଟେବଲଙ୍କ ମୃତଦେହ ମିଳିଛି। ମୃତକ ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରଦୀପ ବେହେରା (୫୫)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ କିଭଳି ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ସେଥିନେଇ ସାଧାରଣରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ତାଙ୍କ ମୋବାଇଲ ଜବତକରି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, କନଷ୍ଟେବଲ ବେହେରା ଗତ ଏପ୍ରିଲ ୧୮ ତାରିଖରୁ କେନ୍ଦୁଝରରୁ ବଦଳି ହୋଇ ନନ୍ଦିପଦା ଥାନାରେ କାର୍ଯ୍ୟରତ ଥିଲେ। ଥାନା ଏସ୍‌ଆଇ ନରୋତ୍ତମ ଦଳେଇ କୁହନ୍ତି, ପ୍ରଦୀପ ୫ ଦିନ ଛୁଟିରେ ଯାଇଥିଲେ। ଛୁଟିରୁ ଫେରିବା ପରେ ସୋମବାର କାର୍ଯ୍ୟରେ ଯୋଗଦେଇ ସେ କୁଆଡ଼େ ଗଲେ ଜଣାନାହିଁ। ତେବେ କାର୍ଯ୍ୟରେ ଯୋଗଦେବା ପରେ ଥାନାରେ ସେ କେତେ ସମୟ ରହିଲେ ତାହା ସିସିଟିଭିରୁ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଇଛି। ସେହିପରି ପୋଲିସ ତାଙ୍କ ମୋବାଇଲ କଲ୍ ରେକର୍ଡ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ତଦନ୍ତକାରୀ ଅଧିକାରୀ ସୁସ୍ମିତା ରାଉତ କହିଛନ୍ତି।

ADMISSION NOTICE-2023
Center for Distance and Online Education (CDOE)
(D.D.C.E., UTKAL UNIVERSITY)
BHUBANESWAR-751010
AAC Accredited A+
Center for Distance & Online Education (DDCE, Utkal University)
Management and Computer Science Courses
(NOC from AICTE, New Delhi)
Distance Mode
- Master of Business Administration (MBA)
- Bachelor in Business Administration (BBA)
Face to Face Mode
- Master of Computer Application (Morning)
- Master of Business Administration (Evening)
- Master of Business Administration (Morning)
(Only with Banking & Finance Specialisation)
(For more contact in Mgt. Course- 9437103110 / Comp. Sc. - 9437157110 during office hour )
Under Graduate and Post Graduate Courses in Distance Mode
- BA ( ODIA HONS.)
- B.COM. (HONS.)
- M.Com.
- M.A. in Economics
- MA in Education
- MA in English
- MA in Hindi
- MA in History
- MA in Odia
- MA in Pol.Science
- MA in Pub. Administration
- MA in Sanskrit
- MA in Sociology
- M.S.W.
(For more contact - 9437156110 during office hour )
Salient Features.
- Online Admission Process
- Free Registration & No charges for appearing online test for Mgt. & Comp. Courses
- Online verification of forms & provision of online payment
- Provision for Online Classes.
- Walk in Online Test / PI and Roll in Admission for MBA / BBA / MCA Course
For eligibility, fees structure, selection process and important date lines visit our website :
www.ddceutkal.ac.in
DIRECTOR

GAYATRI GROUP OF INSTITUTIONS
Near Income Tax Office, Ambapua, Brahmapur
B.TECH. in Computer Sc. Engineering, Artificial Intelligence, Civil, Mechanical, EEE
100% PLACEMENT ASSISTANCE
MCA, MBA
Approved by AICTE, Affiliated to BPUT
BCA, BBA
B.Sc. Biotech., M.Sc. Biotech. & M.Sc. Computer Sc.
Affiliated to Brahmapur University
Contact : 9938044536, 9437962526, 9437579479

WALK IN INTERVIEWS
JOIN OUR TEAM
ankura hospital for women & children
9M by ankura hospital
India's fastest growing hospital for Women & Children is now recruiting for its upcoming Bhubaneswar center
15th & 16th July | 10am to 5pm
Nursing
Pharmacy, Operations, Quality, OT-Tech, Lab-Tech, HR, Marketing, MOD
(Kindly carry updated CV & Registration Certificate)
Address: Ankura Hospital for Women & Children
Janpath Rd, near Sishu Bhawan Square, Bapuji Nagar, Bhubaneswar, Odisha
9121053131 | job@ankurahospital.com
Hyderabad | Pune | Vijayawada | Tirupati | Khammam
Scan for Location

ଚାହୁଁଥିବା କାର୍ ସ୍ପ୍ରେ ପେଣ୍ଟର୍ସ
ଆମେ ପୁଣେ ମହାରାଷ୍ଟ୍ରରେ ଅବସ୍ଥିତ ଏକ ପ୍ରତିଷ୍ଠିତ କମ୍ପାନୀ। କାର୍ ପେଣ୍ଟିଂରେ 5 ବର୍ଷରୁ ଅଧିକ ଅଭିଜ୍ଞତା ଥିବା ସ୍ପ୍ରେ ପେଣ୍ଟରମାନଙ୍କୁ ନିଯୁକ୍ତି ଦେବାକୁ ଚାହୁଁଛୁ। ସୁନ୍ଦର ଆବାସ, ଭଲ ଖାଦ୍ୟ ଏବଂ ଉଚ୍ଚ ଦରମା ଯୋଗାଇ ଦିଆଯିବ।
Contact: 8237144555

ବାଡ଼ିବଗିଚା କାମ କରିବା ପାଇଁ ମାଳି ଆବଶ୍ୟକ
ରହିବା, ଖାଇବା ସହ 7500/- ରୁ 10,000/-, ଫୁଲନଖରା, କଟକ। ଯୋଗାଯୋଗ:
7809525452

EMPLOYMENT NOTICE
URGENT REQUIREMENT OF WAREHOUSE SUPERVISORS
LOCATION: MANGULI, CUTTACK
SALARY: 9000/- TO 13000/-.
FOR MORE DETAILS CONTACT:
+91-9090952651 OR
SEND YOUR CV to
hrmactc@gmail.com

REQUIRED
Waiter Male/ Female and Bartender for renowned property in Bhubaneswar with attractive remuneration and facilities.
Contact: Rishi @ 9346330126

JANA SMALL FINANCE BANK
(A Scheduled Commercial Bank)
ଜଣେ ବ୍ୟାଙ୍କର ହୁଅନ୍ତୁ - ନିଯୁକ୍ତି ସୁଯୋଗ ପାଆନ୍ତୁ
ୱାକଇନ ଇଣ୍ଟରଭିୟୁ
ତାରିଖ: 7 ରୁ 15 ଜୁଲାଇ,2023, ସମୟ: ସକାଳ 10 ଟାରୁ ସନ୍ଧ୍ୟା 5 ଟା
ଗ୍ରାହକ ସମ୍ପର୍କ ପ୍ରବନ୍ଧକ (CREM)
ରୀକଭରୀ ଏବଂ ଆଦାୟ ଅଧିକାରୀ (RCO)
• ଶିକ୍ଷାଗତ ଯୋଗ୍ୟତା : ମାଟ୍ରିକ ଏବଂ ତତ୍ପରବର୍ତ୍ତୀ
• ଅଭିଜ୍ଞତା : ଫ୍ରେଶର / ଅଭିଜ୍ଞ ମଧ୍ୟ ଆବେଦନ କରିପାରିବେ
• ବୟସ ସୀମା : 18 ରୁ 28 ବର୍ଷ
ଏକ ବୈଧ ଗାଡି ଚାଳନା ଲାଇସେନ୍ସ ସହିତ 2 ଚକିଆ ଯାନ ଥିବା ବାଧ୍ୟତାମୂଳକ।
ଆବଶ୍ୟକ କାଗଜପତ୍ର : ବାୟୋଡାଟା ର କପି, ପାନ୍, ଆଧାର କାର୍ଡ, ଡ୍ରାଇଭିଙ୍ଗ ଲାଇସେନ୍ସ, ଗତ 3 ମାସର ସାଲାରୀ ସ୍ଲିପ, ଏବଂ ଶିକ୍ଷାଗତ ପ୍ରମାଣପତ୍ର।
ଉପକାରିତା: ଉତ୍ତମ ଦରମା, ପ୍ରଦର୍ଶନ ଆଧାରିତ ଓ ତା ସହ ସମ୍ପୃକ୍ତ ଆକର୍ଷଣୀୟ ଭେରୀଏବଲ ପେ, ସ୍ୱାସ୍ଥ୍ୟ ବିମା, ପେଟ୍ରୋଲ ଏବଂ ମୋବାଇଲ ଭତ୍ତା !
ସାକ୍ଷାତକାର ସ୍ଥାନ

| ଶାଖା ନାମ | ସ୍ଥାନ ର ବିବରଣୀ |
|---|---|
| ଶହୀଦ ନଗର | ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍, 7RVW ,+ HC5, ଶହୀଦ ନଗର, ଆଙ୍ଗନ ରେସ୍ତୋରାଁ ନିକଟ, ଭୁବନେଶ୍ୱର , ଓଡ଼ିଶା-751007 ଯୋଗାଯୋଗ ବ୍ୟକ୍ତି : ଅରୁଣ ସାମଲ |
| ସମ୍ବଲପୁର | ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍, ପ୍ଲଟ ନମ୍ବର 944, 1ମ ମହଲା, ଆୟକର ଭବନ ନିକଟ, ଅନୁଗୁଳିଆ ପଡା, ଏନ ଏଚ 6, ଥାନା : ଅଇଁଠାପାଲି, ସମ୍ବଲପୁର, ଓଡ଼ିଶା-768004. ଯୋଗାଯୋଗ ବ୍ୟକ୍ତି : ସୁଧୀର ରଞ୍ଜନ ପାଢ଼ୀ |
| ବାଲେଶ୍ୱର | ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍, ତଳ ଏବଂ ପ୍ରଥମ ମହଲା, ପଦ୍ମାଳୟାମ କମ୍ପ୍ଲେକ୍ସ, ନଂ 476, ପ୍ଲଟ ନଂ 566, ବସ ଷ୍ଟପ୍ ସାମ୍ନା, ଶହ ଦେବ, ବାଲେଶ୍ୱର 756001 ଯୋଗାଯୋଗ ବ୍ୟକ୍ତି: ନିରାକାର ସାହୁ |
| ଭଦ୍ରକ | ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍, ତଳ ଏବଂ ପ୍ରଥମ ମହଲା, ବିଶ୍ୱାଳ ସେଲସ କର୍ପୋରେସନ, ପ୍ଲଟ ନଂ 1221, 1222, 3057, 1232, 2592, ଚାପୁଲିଆ ବାଇ ପାସ, ଫେଡେରାଲ ବ୍ୟାଙ୍କ ସାମ୍ନା, ଭଦ୍ରକ, ଓଡ଼ିଶା-756101 ଯୋଗାଯୋଗ ବ୍ୟକ୍ତି: ରତ୍ନାକର ବିଶୋୟୀ |
| ବଲାଙ୍ଗୀର | ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍, ପ୍ଲଟ ନଂ 926 & 926/1054 ଆଇ ଡି ବି ଆଇ ବ୍ୟାଙ୍କ ନିକଟ, କେ ମାର୍ଟ, ବଲାଙ୍ଗୀର, ଓଡ଼ିଶା-767001 ଯୋଗାଯୋଗ ବ୍ୟକ୍ତି: ଅମୀୟ କୁମାର ବେହେରା |

ଇଚ୍ଛୁକ ପ୍ରାର୍ଥୀ ମାନେ ଏହି ଠିକଣାରେ ନିଜ ସିଭି ପଠେଇପାରିବେ : @ ullas.pradhan@janabank.com
www.janabank.com

## ସଂକ୍ଷେପରେ

### ୨ ନାଗ, ଗୋଟିଏ ତମ୍ପ ଉଦ୍ଧାର

**ବାଲିଚନ୍ଦ୍ରପୁର,୧୧।୭(ଗିରିଜା ପ୍ରସାଦ ସାହୁ):** ବାଲିଚନ୍ଦ୍ରପୁର ଅଞ୍ଚଳରୁ ୨ ନାଗ ଓ ଗୋଟିଏ ତମ୍ପ ସାପକୁ ଉଦ୍ଧାର କରାଯାଇ ଅସିହାଗଡ଼ ଜଙ୍ଗଲରେ ଛଡ଼ାଯାଇଛି। ବାଲିଚନ୍ଦ୍ରପୁର ପଞ୍ଚାୟତସ୍ଥିତ ନାନପୁର ଗ୍ରାମର ମାନସ ସାହୁ (୩୨) କିଛି ବର୍ଷ ହେବ ଗ୍ରାମାଞ୍ଚଳରେ ବିଭିନ୍ନ ସ୍ଥାନରୁ ସାପ ଉଦ୍ଧାର କରି ଜଙ୍ଗଲରେ ଛାଡୁଥିବାବେଳେ ସୋମବାର ନିଆଳି ଗ୍ରାମର ବାବୁ ଦାସଙ୍କ ଘରୁ ଏକ ୩ ଫୁଟ୍ ଲମ୍ବର ନାଗ ସାପ, ଗୁକୁଟିପାଟ ଗ୍ରାମର ଚୈତନ୍ୟ ଦାସଙ୍କ ଘରୁ ୧ ଫୁଟ୍ ଲମ୍ବର ଏକ ନାଗ ଛୁଆ ଓ ମାହାଙ୍ଗା ସିପୁରା ଗ୍ରାମରୁ ୫ ଫୁଟ୍ ଲମ୍ବର ଏକ ତମ୍ପ ସାପକୁ ଉଦ୍ଧାର କରିଥିଲେ। ଛୋଟ ବେଳୁ ସେ ସାପ ଧରିବାରେ ଆଗ୍ରହ ରଖିଛନ୍ତି। ୧୦ ବର୍ଷ ହେବ ସେ ସ୍ଥାନୀୟ ଅଞ୍ଚଳରୁ ୩ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ସାପ ଧରିବାରେ ସକ୍ଷମ ହୋଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କୁ ସରକାରୀସ୍ତରରେ ଚିହ୍ନଟ କରାଯାଇନାହିଁ କି କୌଣସି ପ୍ରୋତ୍ସାହନ ମଧ୍ୟ ମିଳିନାହିଁ ବୋଲି ମାନସ କହିଛନ୍ତି। ବନ ବିଭାଗ ପକ୍ଷରୁ ତାଙ୍କୁ ୱାଇଲଡ୍ ହେଲ୍ପଲାଇନରେ ଅନ୍ତର୍ଭୁକ୍ତ କରିବା ସହ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବରିଷ୍ଠ ସଂଗଠକଙ୍କ ପରଲୋକ

**ଜେନାପୁର,୧୧।୭(ଅଶୋକ ଦାସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତ ଚଉଷଠି ପଡ଼ା ଗ୍ରାମର ନୀଳମଣି ପଣ୍ଡା(୬୩)ଙ୍କ ସୋମବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ପଣ୍ଡା ଦୀର୍ଘ ବର୍ଷ ଧରି ସମାଜ ସେବା କରିବା ସହିତ ବିଜୁ ଜନତା ଦଳର ବରିଷ୍ଠ ସଂଗଠକ ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପଣ୍ଡାଙ୍କ ମୃତ୍ୟୁ ଖବର ଜଣାପଡ଼ିବ ପରେ ସ୍ଥାନୀୟ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ସଚେତନ ନାଗରିକ ମଞ୍ଚ ଆବାହକ ସରୋଜ କାନ୍ତ ବେହେରା, ରାଜକିଶୋର ମହାନ୍ତି, ବିମଳ ଶତପଥୀ, ରଘୁନାଥ ବେହେରା ଓ ବିରଜା ଶଙ୍କର ରାଉତ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବିଜେଡି କର୍ମୀ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

### ବିଦ୍ୟାଳୟ ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ

**ରସୁଲପୁର,୧୧।୭(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ୍ ବାରବାଟୀ ପଞ୍ଚାୟତ ଅଧୀନ ବାରବାଟୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ବିଦ୍ୟାଳୟର ଶ୍ରେଣୀ ଗୃହ ନବୀକରଣ, ଖେଳପଡ଼ିଆ, ବଗିଚା, ଶୌଚାଳୟ ଓ ପାନୀୟଜଳ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯିବ। ଏଥିସକାଶେ ସୋମବାର ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ ବିଦ୍ୟାଳୟ ପରିସରରେ ଚିହ୍ନଟ ହୋଇଥିବା ଜମିରେ ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଡିଓ ଅବନିକାନ୍ତ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ସହକାରୀ ଯନ୍ତ୍ରୀ ଅନିଲ ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ଆୟୁଷ୍ମତି ଦାସ, ସମିତିସଭ୍ୟା ସୌଦାମିନୀ ସ୍ୱାଇଁ ପ୍ରମୁଖଙ୍କ ସମେତ ପଞ୍ଚାୟତର ବହୁ ଆଗଧାଡ଼ିର କର୍ମୀ ଯୋଗଦେଇଥିଲେ। ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

# ବାଘୁଆ ପାହାଡ଼ରୁ କଳାପଥର ଲୁଟ୍

**ଯାଜପୁର,୧୧।୭(ହର୍ଷବର୍ଦ୍ଧନ ବେହେରା)**


ବାଘୁଆ ପାହାଡ଼।

- ଏସିଡିସି, ତହସିଲ ପ୍ରଶାସନ ନୀରବ
- ଖଣି ବିଭାଗକୁ ହସ୍ତାନ୍ତର ନିଷ୍ପତ୍ତି ନୋହିଲା

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ବେଆଇନ କଳାପଥର କାରବାର ଉପରେ ଗତ ୧ ବର୍ଷ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୨୨ ଜଣ ଲିଜ୍‌ଧାରୀଙ୍କଠାରୁ ୩୨୦ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି। ତେବେ କେତେକ ଜରିମାନା ନିର୍ଦ୍ଦେଶ ବିଚାରାଧୀନ ରହିଥିବାରୁ ଆଦାୟ ହୋଇ ପାରି ନ ଥିବା ଜଣାପଡିଛି। ଏହାବାଦ୍ ୨୦୨୩ ଏପ୍ରିଲ ପହିଲା ସୁଦ୍ଧା ରାଜସ୍ୱ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ଖାଦାନ ଇସ୍ପାତ୍ ଓ ଖଣି ବିଭାଗକୁ ଦାୟିତ୍ୱ ହସ୍ତାନ୍ତର ନିଷ୍ପତ୍ତି ମଧ୍ୟ ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହାର ସୁଯୋଗରେ ଆରୁହା, ଲୁଣିବର, ମାଲଗୋଡ଼ା ସମେତ ବାଘୁଆ ଆଦି ଖାଦାନଗୁଡିକରୁ ମୂଲ୍ୟବାନ କଳାପଥର ଲୁଟ୍ ନିୟନ୍ତ୍ରଣ ହୋଇ ପାରୁନାହିଁ ବୋଲି ମତପ୍ରକାଶ ପାଇଛି। ଆଗକୁ ସାଧାରଣ ନିର୍ବାଚନ ସମେତ ଜରିମାନା ଦାଖଲ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହୁଥିବାରୁ ଏଭଳି ଲୁଟ୍ କାରବାରକୁ ଦ୍ୱିଗୁଣିତ କରାଯାଇଛି । ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି(ଏସିଡିସି) ଏବଂ ତହସିଲ ପ୍ରଶାସନ ଉକ୍ତ ବୃହତ୍ ଲୁଟ୍ କାରବାରକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ଓଲଟା ସହଯୋଗୀ ହେଉଥିବା ଅଭିଯୋଗ ହେଉଛି।

ଲଘୁ ଖଣିଜ ଦ୍ରବ୍ୟ ଚୋରି ନିବାରଣ ପାଇଁ ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୂପ କରାଯାଇ ଅନୁମୋଦନଠାରୁ ଅଧିକ ଉତ୍ତୋଳନ କରିଥିବା ଲିଜ୍‌ଧାରୀଙ୍କୁ ଜରିମାନା ନିର୍ଦ୍ଦେଶ ହୋଇଛି। ତେବେ ଏହି ପ୍ରକ୍ରିୟା ଗତ ପ୍ରାୟ ୩ ମାସ ହେଲା ବନ୍ଦ ରହିଛି। ପୂର୍ବରୁ ଆରୁହା ପାହାଡ଼ ସୈରାତ ନମ୍ବର ୩୪/୨୦୨୧-୨୨ରୁ ଲିଜ୍‌ଧାରୀ ମନୋଜ ସାମଲଙ୍କୁ ୫ ବର୍ଷ ପାଇଁ ୭୦ ହଜାର ଘନମିଟର ଉତ୍ତୋଳନ କରିବାକୁ ଅନୁମତି ମିଳିଥିବାବେଳେ ମାତ୍ର ୯ ମାସରେ ୧ ଲକ୍ଷ ୨୨ ହଜାର ୧୧୨ ଘନମିଟର କଳାପଥର ଉତ୍ତୋଳନ କରିଛନ୍ତି। ମାପଚୁପରେ ଏହା ଜଣାପଡିବା ଧର୍ମଶାଳା ତହସିଲଦାର ଗତ ୧୫।୪।୨୦୨୩ରେ କାରଣ ଦର୍ଶାଅ ନୋଟିସ ଏବଂ ୧୦।୫।୨୦୨୩ରେ ଲିଜ୍‌ଧାରୀଙ୍କୁ ୮ କୋଟି ୬୩ ଲକ୍ଷ ୩୩ ହଜାର ୯୧୯ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିଲେ। ଏହାସହ କାରଣ ଦର୍ଶାଅ ନୋଟିସ ସହ ଖାଦାନ ବନ୍ଦ କରିବାକୁ ନିର୍ଦ୍ଦେଶରେ ଦର୍ଶାଯାଇଥିଲା। କିନ୍ତୁ ଲିଜ୍‌ଧାରୀ ଉକ୍ତ ଖାଦାନରୁ ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଲିଜ୍‌ଧାରୀଙ୍କୁ କଳାପଥର ଉତ୍ତୋଳନ ବନ୍ଦ କରିବାକୁ ତାଗିଦା କରିବା ସହ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଥିଲା। ତଥାପି ଏହି ଚେତାବନୀ ଉପରେ କୌଣସି ଫରକ ପଡିନାହିଁ। ଏବେବି ସୁବିଧା ଦେଖି ସେଠାରେ କଳାପଥର ଉତ୍ତୋଳନ ହେଉଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନୁରୂପ ଭାବେ ଅନ୍ୟ ଲିଜ୍‌ଧାରୀମାନେ ମଧ୍ୟ ଜରିମାନା ଅର୍ଥ ଦାଖଲ କରିବାକୁ ବେଆଇନ ଉତ୍ତୋଳନ କରୁଥିବା ଅଭିଯୋଗ ହେଉଛି। ବାଘୁଆ ପାହାଡ଼ର ୧୭ନଂ. ଖାଦାନରୁ ରଙ୍ଗାଧର ପ୍ରଧାନ ଏବଂ ୧୦ନଂ. ଖାଦାନରୁ କୁନା ପ୍ରଧାନ ଏବଂ ତାଙ୍କ ସହଯୋଗୀମାନେ କଳାପଥର ଲୁଟ୍ କରୁଥିବା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ହେଲେ ଉକ୍ତ ଅଭିଯୋଗ ଉପରେ ତହସିଲଦାର ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିବା ଜଣାପଡିଛି। ଫଳରେ ଉକ୍ତ ପାହାଡରେ ବ୍ଲାଷ୍ଟିଂ କରିବା ଯୋଗୁ ଘର ଦୁଲୁକି ଫାଟ ସୃଷ୍ଟି ହେଉଛି । ଏଥିରୁ ବାହାରୁଥିବା କେମିକାଲ ମିଶା ଧୂଆଁରେ ପାହାଡ଼ ପାଦଦେଶରେ ବସବାସ କରୁଥିବା ଲୋକମାନେ ଅଣନିଃଶ୍ୱାସୀ ହେଉଛନ୍ତି। ଅଞ୍ଜିରା ମୌଜାର ସୈରାତ ନମ୍ବର ୧୭ ଓ ୧୦ ନମ୍ବର ଖାଦାନରେ ୬ ଏକର ଜମିରୁ ବାର୍ଷିକ ୪୩୦୨୦ ଘନ ମିଟର କଳାପଥର ଉତ୍ତୋଳନ କରିବାକୁ ଅନୁମତି ମିଳିଛି। ହେଲେ ଇତିମଧ୍ୟରେ ଏହାର ପ୍ରାୟ ୧୦୦ଗୁଣ ଅଧିକ କଳାପଥର ଉତ୍ତୋଳନ ହୋଇ ସାରିଥିବା ଅନୁମାନ କରାଯାଇଛି। ଲିଜ୍ ଅଞ୍ଚଳକୁ ପିଲାର ପୋଷ୍ଟିଂ ଓ ସୂଚନା ବୋର୍ଡ ଲଗାଯିବାକୁ ନିୟମ ରହିଛି । ହେଲେ ତାହା ଏଠାରେ ଦୃଶ୍ୟମାନ ହେଉନାହିଁ । ୫୩ନଂ. ଜାତୀୟ ରାଜପଥ ଉପରେ ଶତାଧିକ ଟ୍ରିପ ବିନା ୱାଇ ଫର୍ମରେ ପରିବହନ ହେଉଛି । ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

## ଅଟୋ-ସ୍କର୍ପିଓ ଧକ୍କାରେ ଜଣେ ଗୁରୁତରଙ୍କ ମୃତ୍ୟୁ

**ପାଣିକୋଇଲି,୧୧।୭(ବିକାଶ ମଲ୍ଲିକ)**

ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର ଯାଜପୁର ରାସ୍ତାର ମୂଳାପାଳ ଛକ ନିକଟରେ ସୋମବାର ଅଟୋ-ସ୍କର୍ପିଓ ମଧ୍ୟରେ ଧକ୍କା ହୋଇ ଗୁରୁତର ହୋଇଥିବା ୪ଜଣଙ୍କ ମଧ୍ୟରୁ ମଙ୍ଗଳବାର ଜଣକର ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ଟାଉନର ସ୍ୱପ୍ନାରାଣୀ ରାୟ(୪୯)। ଅନ୍ୟ ଗୁରୁତର ରାଜେନ୍ଦ୍ର ପ୍ରସାଦ ରାୟ (୫୨) ଓ ସିମରନ ରାୟ(୨୨) କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଜ୍ଞାନରଞ୍ଜନ ରାୟ(୨୦) ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୋଲିସ ସ୍କର୍ପିଓ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ସ୍କର୍ପିଓ ଚାଳକ କୁଆଖିଆ ଥାନା ଅନ୍ତର୍ଗତ ଜାବରା ଗ୍ରାମର ଲକ୍ଷ୍ମଣ ନାୟକ(୩୬) ବୋଲି ଜଣାପଡ଼ିଛି। ଏନେଇ ପୋଲିସ ଏକ ମାମଲା ନଂ.୧୭୨/୨୩ ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶଯେ, ଯାଜପୁରରୋଡ ରେଲୱେ ଷ୍ଟେଶନକୁ ଯାଜପୁର ଟାଉନରୁ ଅଟୋରେ ଆସୁଥିବା ଏକ ପରିବାରକୁ ମୂଳାପାଳ ଛକ ନିକଟରେ ପଛରୁ ଏକ ଆସୁଥିବା ଦ୍ରୁତଗାମୀ ସ୍କର୍ପିଓ ଧକ୍କା ଦେଇଥିଲା। ଅଟୋ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯିବା ସହ ଓଲଟିପଡ଼ିଥିଲା। ଅଟୋରେ ଥିବା ଚାରି ଜଣ ଗୁରୁତର ହୋଇଥିଲେ। ପାଣିକୋଇଲି ପୋଲିସ ସେମାନଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଗାଡ଼ି ଦୁଇଟିକୁ ଜବତ କରିଥିଲା।

# ଶିକ୍ଷକ ବଦଳି ପ୍ରତିବାଦରେ ବିଦ୍ୟାଳୟରେ ତାଲା

**ଝୁମ୍ପୁରୀ,୧୧।୭(ସରୋଜ ନାୟକ)**

ଦଶରଥପୁର ବ୍ଲକ୍ ଅସନପୁର ପଞ୍ଚାୟତସ୍ଥ ପଞ୍ଚୁପୁର ନୋଡାଲ ୟୁ.ପି. ସ୍କୁଲ୍ ଫାଟକରେ ଛାତ୍ରୀଛାତ୍ର ମଙ୍ଗଳବାର ତାଲା ପକାଇ ଆନ୍ଦୋଳନ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ ଶଶଧର ସୂତାରଙ୍କ ଅନ୍ୟତ୍ର ବଦଳି ପ୍ରତିବାଦରେ ଛାତ୍ରୀଛାତ୍ର ମିଳିତ ହୋଇ ଏପରି ପଦକ୍ଷେପ ନେଇଛନ୍ତି। ଛାତ୍ରୀଛାତ୍ରଙ୍କ ସହ କିଛି ଅଭିଭାବକ ଆନ୍ଦୋଳନରେ ସାମିଲ ହୋଇ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ବିଦ୍ୟାଳୟରେ ପାଠପଢ଼ା ବ୍ୟାହତ ହେବାସହ ବଦଳିକୁ ନେଇ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ଦାବି ହୋଇଛି।


ପଞ୍ଚୁପୁର ନୋଡାଲ ୟୁ.ପି. ସ୍କୁଲ୍ ଫାଟକରେ ଛାତ୍ରୀଛାତ୍ର ତାଲା ପକାଇ ଆନ୍ଦୋଳନ କରୁଛନ୍ତି।

## ୬୦ ସିଏଫ୍‌ଟି ଶାଗୁଆନ୍ କାଠ ଜବତ

**ଯାଜପୁର ଟାଉନ,୧୧।୭(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ଟାଉନ ଥାନା ଅନ୍ତର୍ଗତ ଗାରେଡ଼େଶ୍ୱର ଗ୍ରାମ ନିକଟରୁ ୬୦ ସିଏଫ୍‌ଟି ଚୋରା ଶାଗୁଆନ୍ କାଠ ଜବତ ହୋଇଛି। ବିଶେଷ ସୂତ୍ରରୁ ଖବର ପାଇ ଯାଜପୁର ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜବତ କାଠର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବବୋଲି ବନବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଚୋରା କାଠକୁ ଫରେଷ୍ଟର ଦୁର୍ଯ୍ୟୋଧନ ବେଜ, ରେଞ୍ଜର ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଜବତ କରାଯାଇଛି। କାଠର ପ୍ରକୃତ ମାଲିକ ଜଣାପଡ଼ିନାହାନ୍ତି। ବିଭାଗ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି।

# ବ୍ୟାପୁଛି ଅଖିଧରା ରୋଗ

**ଧର୍ମଶାଳା,୧୧।୭(ବଟକୃଷ୍ଣ ପରିଡ଼ା)**

ଆଖିଧାର ରୋଗ ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ରୋଗରେ ଆକ୍ରାନ୍ତ ଲୋକଙ୍କ ଆଖି ନାଲ ପଡ଼ିବା ସହିତ ଖେଞ୍ଚିହେବା ଏବଂ ଆଖିରେ ମଇଳା ଜମା ହୋଇ ଅଖିପତା ବନ୍ଦ କରିଦେବା ଭଳି ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଅଖିଧରୁଥିବା ବ୍ୟକ୍ତ ଅନ୍ୟ କହା ସଂସ୍ପର୍ଶରେ ଅସିଲେ ସେ ଲୋକ ମଧ୍ୟ ଏହି ରୋଗର ଶିକର ହୋଇଥାନ୍ତି। ତେବେ ଏହି ରୋଗ ପାଇଁ ନିର୍ଦ୍ଦିଷ୍ଟ ଭାବେ ଔଷଧ ବାହାରି ନ ଥିବବେଳେ ଲୋକେ ଆଖି ପାଇଁ ବିଭିନ୍ନ ପ୍ରକାର ଡ୍ରପ୍ ବ୍ୟବହାର କରିଥାନ୍ତି। ଏହି ରୋଗ ଜଣକୁ ଅତିକମରେ ୩ରୁ୪ ଦିନ ହୋଇଥାଏ। କିଛିକାଂଶରେ ଏହି ରୋଗ ସପ୍ତାହେ ପର୍ଯ୍ୟନ୍ତ ମଧ୍ୟ ରହିଥାଏ। ଏହା ଏକ ଡିଆଁ ରୋଗ ହୋଇଥିବାରୁ ଆଖି ଧରିଥିବା ବ୍ୟକ୍ତି ଘରୁ ବାହାରକୁ ନ ବାହାରିବା ସହିତ କଳାଚଷମା ବ୍ୟବହାର କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ରୋଗ ଲାଗି ଧର୍ମଶାଳା ବ୍ଲକ ଅଧୀନ ବିଭିନ୍ନ ସ୍କୁଲରେ ପିଲାଙ୍କ ଉପସ୍ଥାନ କମ ରହୁଥିବାବେଳେ ସରକାରୀ କାର୍ଯ୍ୟାଳୟରେ କାମ କରୁଥିବା ଲୋକେ ଏବେ ଆଖିଧରା ରୋଗର ଶିକାର ହୋଇଥିବା ଦେଖିବାକୁ ମିଳିଛି। କିଛି ବର୍ଷ ହେଲା ଆଖିଧରା ରୋଗ ଉଭାନ ହୋଇଯାଇଥିବା ବେଳେ ଚଳିତ ବର୍ଷ ପୁଣି ଏହି ରୋଗ ସମସ୍ତଙ୍କୁ ଅସୁବିଧାରେ ପକାଇଛି। ତେଣୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜନସଚେତନତା ସୃଷ୍ଟି କରିବା ସହ ମାଗଣାରେ ଔଷଧ ଯୋଗାଇ ଦେବାକୁ ଦାବି ହୋଇଛି।

# ଅଙ୍ଗନୱାଡି କେନ୍ଦ୍ରରେ ଓଜନ ଉତ୍ସବ

**ରସୁଲପୁର,୧୧।୭(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଓଜନ ଉତ୍ସବ ପାଳିତ ହୋଇଯାଇଛି। ଓଜନ ହେବା ପାଇଁ ଚିହ୍ନଟ ଶିଶୁଙ୍କ ବୟସର ୨ଗୁଣା ସହ ୮ ମିଶାଣ କରାଇବା ଫର୍ମୁଲାରେ ଓଜନ ମାପ କରାଯାଇଛି। ଏହି ଆଧାରେ ନିର୍ଦ୍ଧାରିତ ଅଙ୍କ ଅନୁସାରେ କମ୍, ଅତିକମ୍ ଓ ଅଧିକ ଓଜନର ପିଲାଙ୍କୁ ଚିହ୍ନଟ କରାଯାଇଛି। ପଞ୍ଚାୟତ ଅଧୀନ ଇଛାପୁର, ବିଲିପଡ଼ା, ଅରଡ଼ା ଆଦି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଶତାଧିକ ଶିଶୁଙ୍କ ଓଜନ କରାଯାଇଛି। ଏଥିସହ ଶିଶୁଙ୍କ ଉଚ୍ଚତା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଶିଶୁଙ୍କ ଓଜନର ମାପକୁ ନେଇ ତିନୋଟି ସ୍ତରରେ ବିଭକ୍ତ କରାଯାଇଛି। ସାଧାରଣ ଓଜନ ବର୍ଗରେ ସାମିଲ ପିଲାଙ୍କୁ ନର୍ମାଲ, ସାମନ୍ୟ କମ୍ ଓଜନର ଶିଶୁଙ୍କୁ ମାମ ଓ ଅତିକମ୍ ଅଥବା ପୁଷ୍ଟିହୀନତା ପିଲାମାନଙ୍କୁ ସାମ୍ ବର୍ଗରେ ବିଭକ୍ତ କରାଯାଇଛି। ନର୍ମାଲଠାରୁ ଅଧିକ ଓଜନ ପିଲାଙ୍କୁ ମେଜରମେଣ୍ଟ ବର୍ଗର ବୋଲି କୁହାଯାଉଛି। ଅଧିକ ଓଜନ ଓ କମ୍ ଓଜନର ଶିଶୁଙ୍କ ପାଇଁ ଡାକ୍ତରୀ ପରାମର୍ଶ ଦିଆଯାଉଛି। ମେଦ ବହୁଳତା କମାଇବା ପାଇଁ ବାହାର ଖାଦ୍ୟକୁ ବାରଣ କରିବା, ଅଧିକ ପୃଷ୍ଟିକର ଖାଦ୍ୟ ଓ ତେଲ, ମସଲାଯୁକ୍ତ ଖାଦ୍ୟକୁ ବର୍ଜନ କରାଇବା ଦିଗରେ ମା'ମାନେ ଯତ୍ନବାନ ହେବାକୁ କୁହାଯାଇଛି। ପୁଷ୍ଟିହୀନତାର ଶିକାର(କମ୍ ଓଜନର ପିଲାଙ୍କୁ) ସବୁଜ ପନିପରିବା, ପୁଷ୍ଟିକର ଖାଦ୍ୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବା ସହ କେନ୍ଦ୍ର ପକ୍ଷରୁ ନର୍ମାଲ ବର୍ଗର ପିଲାଙ୍କୁ ମାସକୁ ୧୨ଟି ଅଣ୍ଡା ଦିଆଯାଉଥିବାବେଳେ ଏହି ବର୍ଗର ପିଲାଙ୍କୁ ୨୮ଟି ଅଣ୍ଡା ପ୍ରଦାନ କରାଯାଉଛି। ଏଭଳି ଭାବେ ଶିଶୁମାନଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ଉଚ୍ଚତା ବୃଦ୍ଧି ଘଟାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଉତ୍ସବରେ ସରପଞ୍ଚ ସ୍ମୃତିରେଖା ରାଉତ, ମହିଳା ଓ ଶିଶୁ ବିଭାଗ ପ୍ରକଳ୍ପ ସୁପରଭାଇଜର ବିଷ୍ଣୁପ୍ରିୟା ଦାସ, ଶିକ୍ଷକ ନାରାୟଣ ଚନ୍ଦ୍ର ବେହେରା, ରଞ୍ଜିତା ଦ୍ୱିବେଦୀ, ଅଙ୍ଗନୱାଡି କର୍ମୀ ରଶ୍ମିତା ସାହୁ, ସଞ୍ଜୁକ୍ତା ସ୍ୱାଇଁ, ନିରୁପମା କର, ଅଶା ବାସନ୍ତି ଦାସ, ମମତା ମହାନ୍ତି ଓ ଶ୍ରଦ୍ଧାଞ୍ଜଳି ପାଣି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।



ଏକ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କୁ ଓଜନ କରାଯାଉଛି।

## ଅସହାୟ ଯୁବତୀଙ୍କୁ ବିବାହ କରାଇଲେ ସାମାଜିକ କର୍ମୀ

**ଯାଜପୁର ଟାଉନ,୧୧।୭(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ବ୍ଲକ୍ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ କବିରପୁର ଗ୍ରାମର ସାମାଜିକ କର୍ମୀ ବିନୋଦ ତରେଇ ଓ ତାଙ୍କ ସ୍ତ୍ରୀ ମମତା ତରେଇ ଜଣେ ଅସହାୟ ଯୁବତୀଙ୍କୁ ନିଜ ଖର୍ଚ୍ଚରେ ବିବାହ କରାଇଛନ୍ତି। ସମ୍ପୃକ୍ତ ଯୁବତୀ ହେଲେ ଚାନ୍ଦିନୀ ତରେଇ। ତାଙ୍କ ବିବାହ ଭଦ୍ରକ ଜିଲା ପିଟେଇପୁର ଗ୍ରାମର କୃପାସିନ୍ଧୁ ତରେଇଙ୍କ ସହ ସମ୍ପନ୍ନ ହୋଇଛି। ଉକ୍ତ ଅଞ୍ଚଳର ପ୍ରଫୁଲ୍ଲ ମାଝିଙ୍କ ଝିଅ ଚାନ୍ଦିନୀ ପିଲାଦିନୁ ବାପା ଓ ଭାଇଙ୍କୁ ହରାଇ ଅତି ଗରିବ ଅବସ୍ଥାରେ ଜୀବନ ବିତାଉଥିଲେ। ବିନୋଦ ଓ ତାଙ୍କ ସ୍ତ୍ରୀ ଏକଥା ଜାଣିବା ପରେ ତାଙ୍କୁ ବିବାହ କରାଇବାକୁ ସ୍ଥିର କରିଥିଲେ। ସ୍ଥାନୀୟ ଲୋକେ ବିବାହ କାର୍ଯ୍ୟରେ ସହଯୋଗ କରିଥିଲେ।


ବିବାହ ବନ୍ଧନରେ ନବ ଦମ୍ପତି।

# ଆଖିଧରା ରୋଗ ସମ୍ପର୍କରେ ସଚେତନତା

**ଯାଜପୁରରୋଡ୍,୧୧।୭(ପବିତ୍ର ମହାନ୍ତି)**

ରାଜ୍ୟରେ ଆଖିଧାରା ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଉଛି। ଯାଜପୁର ଜିଲାରେ ମଧ୍ୟ ଏହି ସଂକ୍ରମଣ ବଢ଼ିବାରେ ଲାଗିଛି। ଯାଜପୁର ରୋଡ୍ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଏବେ ଦୈନିକ ୧୦୦ରୁ ୧୫୦ ପାଖାପାଖି ସଂକ୍ରମିତ ଚିକିତ୍ସା ପାଇଁ ଆସୁଛନ୍ତି। ଆଗକୁ ସଂକ୍ରମଣ ବଢ଼ିପାରେ ବୋଲି ଚିକିତ୍ସକମାନେ ଅନୁମାନ କରୁଛନ୍ତି। ଏହି ରୋଗ ସାଧାରଣତଃ ବର୍ଷା ଦିନରେ ହୋଇଥାଏ। ଏଥିରେ ଆଖି ଫୁଲିବା ସହ କୁଣ୍ଡାଇ ହୋଇ ଲାଲ ପଡ଼ିଯାଏ ଓ ଆଖିରୁ ନେଞ୍ଜରା ବାହାରିଥାଏ। ହେଲେ ଏଥିରେ ଭୟଭିତ ହେବାର ନାହିଁ। ଡାକ୍ତରଙ୍କ ପରାମର୍ଶରେ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମାଗଣା ଔଷଧ ନେଇ ପାରିବେ ଓ ଆଖି ଧରିଥିବା ରୋଗୀଙ୍କଠାରୁ ଦୂରତା ବଜାୟ ରଖିବା ଉଚିତ ବୋଲି କହିଛନ୍ତି, ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟି। ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍ସର୍ଗ ହେଲ୍ପ ଲାଇନ ତରଫରୁ ବ୍ୟାସନଗରର ୨୫ ନଂ.ୱାର୍ଡ ଗାନ୍ଧୀ ନଗର କୁଷ୍ଠ ବସ୍ତିର କୁନିକୁନି ପିଲା ଓ ବୟସ୍କ ଲୋକଙ୍କୁ ନେଇ ଆଖିଧରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ପୃଷ୍ଟି ଯୋଗଦେଇ ଏସବୁ ସଚେତନତା କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଏଚ୍‌ପି ମଞ୍ଜୁଲତା ସେନାପତି, ମହିଳା ସ୍ୱାସ୍ଥ୍ୟକର୍ମୀ ପୁଷ୍ପାଞ୍ଜଳି ମଲିକ ୟୁନିଟ ୨ ଓ ଉତ୍ସର୍ଗ ସଙ୍ଗଠନର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଆଗାମୀ ଦିନରେ ସଙ୍ଗଠନ ତରଫରୁ ବିଭିନ୍ନ ବସ୍ତି ଓ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାପତି ରାଜେଶ କୁମାର ରାଉତ ସୂଚନା ଦେଇଥିଲେ। ଏଥିସହିତ ଆବଶ୍ୟକତା ଔଷଧ ସହିତ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ସେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ପ୍ରକାଶ ଜେନା, ମନୋଜ ଦାସ, ମୋହନ ମହାରଣା, ସଂଗ୍ରାମ ମହାନ୍ତି, ଜ୍ୟୋତିସ୍ମିତା ରାଉତ ଓ କଟିଆ ରଣା ଉପସ୍ଥିତ ଥିଲେ।


ଆଖିଧରା ରୋଗ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରାଯାଉଛି।

## ଟଙ୍କା ଠକେଇ ଅଭିଯୋଗରେ ମହିଳା ଗିରଫ

**ଯାଜପୁରରୋଡ୍,୧୧।୭(ପବିତ୍ର ମହାନ୍ତି)**

ଯାଜପୁରରୋଡ୍ ଥାନା ମୁଣ୍ଡମାଳରେ ରହୁଥିବା ଜଣେ ମହିଳା ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀରୁ ମୋଟା ଅଙ୍କସୁଧର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ପରେ ପୋଲିସ ତାଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚକ୍ରଧର ପଣ୍ଡାଙ୍କ ସ୍ତ୍ରୀ ପଦ୍ମିନୀ ପଣ୍ଡା(୪୦)। ପଦ୍ମିନୀ ମା' ବିରଜା ସ୍ୱୟଂ ସହାୟକ ଗୋଷ୍ଠୀର ବାସନ୍ତୀ ପାତ୍ରଙ୍କଠାରୁ ସଂଘ ଟଙ୍କାରୁ ୪୦ ହଜାର ଟଙ୍କା ସୁଧ ଆକାରରେ ନେଇଥିଲେ। ହେଲେ ମାସମାସ ବିତିଯାଇଥିଲେ ମଧ୍ୟ ସୁଧ କିମ୍ବା ମୂଳ ଦେଇ ନ ଥିଲେ। ବାସନ୍ତୀ ଟଙ୍କା ମାଗି ବିଫଳ ହେବାପରେ ଗତ ମାସ ୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୨୫/୨୩ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ତଦନ୍ତବେଳେ ସମ୍ପୃକ୍ତ ମହିଳା ୨୦ରୁ୩୦ ଗୋଷ୍ଠୀ ନିକଟରୁ ପ୍ରାୟ ୩୦ରୁ୪୦ଲକ୍ଷ ଟଙ୍କା ଠକି ନେଇଥିବା ଜାଣିବାକୁ ପାଇଥିଲା। ପ୍ରମାଣ ମିଳିବା ପରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଛି ବୋଲି ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଚାଷୀଙ୍କ ହକ୍ ପାଇଁ ଲଢ଼େଇ ଜାରି ରହିବ

**ଝୁମ୍ପୁରୀ,୧୧।୭(ସରୋଜ ନାୟକ)**

### ଓଡ଼ିଶା କୃଷକ ବିକାଶ ମଞ୍ଚର ଚାଷୀ ସମ୍ମିଳନୀ



ଓଡ଼ିଶା କୃଷକ ବିକାଶ ମଞ୍ଚର ଚାଷୀ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ଓ ଚାଷୀମାନେ।

ଚାଷୀଙ୍କ ହକ୍ ପାଇଁ ଲଢ଼େଇ ଜାରି ରହିବ। ଦରକାର ହେଲେ ରାସ୍ତାରୁ ଜିଲାପାଳଙ୍କ ଅଫିସ୍ ସହ ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଓଡ଼ିଶା କୃଷକ ବିକାଶ ମଞ୍ଚର ଜିଲା କାର୍ଯ୍ୟକାରୀ ସଭାପତି ପୁଲିନ ପ୍ରକାଶ ପୁହାଣ ଘୋଷଣା କରିଛନ୍ତି। ମଙ୍ଗଳବାର ଦଶରଥପୁର ବ୍ଲକ୍‌ର କାଟିଆସ୍ଥ ପାରେଶ୍ୱର ମନ୍ଦିରରେ କାର୍ଯ୍ୟକାରୀ ସଭାପତି ପୁହାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଚାଷୀ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ବିକାଶ ମଞ୍ଚର ଜିଲା ସଭାପତି ମହେନ୍ଦ୍ର ପରିଡ଼ା ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଆଗାମୀ ଦିନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ କୃଷକ ନେତା ଭୁବନାନନ୍ଦ ସାମଲ, ବିକ୍ରମ ରାଉତ, ବିଜୟ ପରିଡ଼ା, ବିଶ୍ୱଜିତ ମହାନ୍ତି, ଚନ୍ଦ୍ରନାରାୟଣ ସାହୁ, ମନୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ନାୟକ, ବିଘ୍ନେଶ୍ୱର ମହାନ୍ତି, ଗୌତମ ମଲ୍ଲିକ, ରବୀନ୍ଦ୍ର ଜେନା, ତାପସ ଜେନା, ରାକେଶ ଦାସ, ଦେବେନ୍ଦ୍ର ପତି, ପାଣ୍ଡବ ବାରିକ, ଶକ୍ତିପ୍ରକାଶ ମହାପାତ୍ର, ପ୍ରଭାତ ଜେନା, ଅନୁପମ ମଲ୍ଲିକ, ସପନ ଚାନ୍ଦ, ଶେଖର ଧଳ, ଅବଦୁଲ କଲାମ, କମଳାକାନ୍ତ ବିଶ୍ୱାଳ, ମଧୁସୂଦନ ଦାସ, ବଦୁଉଲ ହକ୍ ପ୍ରମୁଖଙ୍କ ସହ ଦଶରଥପୁର, ବିଞ୍ଝାରପୁର, ଯାଜପୁର, ଧର୍ମଶାଳା, ରସୁଲପୁର, ବରୀ, ବଡ଼ଚଣା ଆଦି ବ୍ଲକ୍‌ରୁ ଶତାଧିକ ଚାଷୀ ସାମିଲ ହୋଇଥିଲେ। ପରେ କୃଷକ ବିକାଶ ମଞ୍ଚର ଦଶରଥପୁର ବ୍ଲକ୍ ପାଇଁ ୨୫ ଜଣିଆ କମିଟି ଗଠନ କରାଯାଇଥିଲା। ଆଗାମୀ ଦିନରେ ଏହି କମିଟି ମଧ୍ୟରୁ କର୍ମକର୍ତ୍ତା ଚୟନ କରାଯାଇ ଦାୟିତ୍ୱ ଦିଆଯିବ ବୋଲି କାର୍ଯ୍ୟକାରୀ ସଭାପତି ପୁହାଣ କହିଛନ୍ତି।

# ବିପଦରେ ପରିବେଶ ସମ୍ବେଦନଶୀଳ ୧୪୭ ଗ୍ରାମ

■ ବଢ଼ୁଛି ଚିଙ୍ଗୁଡ଼ି ଘେରି, ତାଗିଦା ସତ୍ତ୍ୱେ ପ୍ରଶାସନ ନୀରବ
■ ନିମ୍ନମାନର ଏଭିଏଟର ଓ ଯନ୍ତ୍ରାଂଶ ଶ୍ରମିକଙ୍କ ପାଇଁ ବିପଦ
■ ପରିବେଶ ସୁରକ୍ଷା ଆଇନର ଖୋଲାଖୋଲି ଉଲ୍ଲଂଘନ


ରାଜନଗରରେ ଚିଙ୍ଗୁଡ଼ି ଘେରିରେ ଲାଗିଥିବା ଏଭିଏଟର।

କେନ୍ଦ୍ରାପଡ଼ା, ୧୧।୭((ଜଗନ୍ନାଥ ଧଳ)

୨୦୧୪ ଅକ୍ଟୋବର ୨୧ରେ ଭାରତ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ୧୪୭ ଗ୍ରାମକୁ ପରିବେଶ ସମ୍ବେଦନଶୀଳ ଗ୍ରାମ ଭାବେ ବିଜ୍ଞପ୍ତି (ନଂ.୨୧୮୦ଜେ) ପ୍ରକାଶ କରିଛନ୍ତି। ଏହି ଚିହ୍ନଟ ଗ୍ରାମ ବର୍ଦ୍ଧିତ ଚିଙ୍ଗୁଡ଼ି ଘେରି ପାଇଁ ବିପଦରେ ପଡ଼ିଛି। ଜିଲାର ମହାକାଳପଡ଼ା, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳରେ ବେଆଇନ ଭାବେ ୧୦ ହଜାରରୁ ଅଧିକ ଚିଙ୍ଗୁଡ଼ି ଘେରି ଗଢ଼ି ଉଠିଛି। ଏହି ଘେରିରୁ ନିର୍ଗତ ରାସାୟନିକ ସାମଗ୍ରୀ ପରିବେଶକୁ ନଷ୍ଟ କରୁଥିବା ବେଳେ ଏଠାରେ ଲାଗିଥିବା ମୋଟର ଓ ଏଭିଏଟର ନିମ୍ନମାନର ହୋଇଥିବାରୁ ଶ୍ରମିକଙ୍କ ପାଇଁ ବିପଦ ସାଜିଛି। ହାଇକୋର୍ଟରୁ ବାରମ୍ବାର ତାଗିଦା ସତ୍ତ୍ୱେ ପ୍ରଶାସନର ନୀରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ପରିବେଶ ସୁରକ୍ଷା ଆଇନ ୧୯୮୬ର ଖୋଲାଖୋଲି ଉଲ୍ଲଂଘନ କରୁଛି ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଓସାର ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ୨୦୧୭ ମସିହାରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଉଛି। ଏପରି କି ଏହି କାର୍ଯ୍ୟର ତଦାରଖ ପାଇଁ କୋର୍ଟ ପକ୍ଷରୁ ମୋହିତ ଅଗ୍ରୱାଲଙ୍କୁ ଆମିକସକ୍ୟୁରୀ ଭାବେ ନିଯୁକ୍ତି ଦିଆଯାଇଛି। ୨୦୨୦ରେ ଏ ନେଇ ପ୍ରଶାସନ ପକ୍ଷରୁ ବେଆଇନ ଚିଙ୍ଗୁଡ଼ି ଘେରି ଚାଷୀଙ୍କୁ ନୋଟିସ ଦେଇ ଘେରି ଭଙ୍ଗା ଆରମ୍ଭ ହୋଇଥିଲା। ତେବେ କୌଣସି ଚାପର ବଶବର୍ତ୍ତୀ ହୋଇ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ପ୍ରଶାସନର ନୀରବତା ଏହି ବେଆଇନ ଚିଙ୍ଗୁଡ଼ି ଚାଷୀଙ୍କୁ ସୁହାଇଛି। ମହାକାଳପଡ଼ା ବଡ଼ଗୁବି ଅଞ୍ଚଳରେ ଏବେ ଶତାଧିକ ଏକର ଜମିରେ ଚୁଙ୍ଗୁଡ଼ି ଘେରି ନିର୍ମାଣ ହୋଇଛି। ତଟାଞ୍ଚଳରେ ଘେରି ନିର୍ମାଣ ଫଳରେ ବଣପଦା, ଭୂଇଁପୁର, ଗୋଗୁଆ, ଇଶାନୀପଲା, ହରିପୁର, କଜଳାବନ୍ଧ କଳଦୁଙ୍ଗା, କାକଟପୁର, କୋରିଆପଲା, ନରସିଂହପୁର, ମଲାଡ଼ିହ, ପାଉଁଶିଆପାଳ, ରଟପଙ୍ଗ, ଶଙ୍ଖଚିଲ, ଶାସନ, ସିଙ୍ଗାରପୁର, ତଣ୍ଡିଆପାଳ, ବେଣାକନ୍ଦା, ତେଲଙ୍ଗା, ପାଣିଖିଆ ଆଦି ୧୪୭ ଗ୍ରାମର ପରିବେଶ ନଷ୍ଟ ହେବ। ପରିବେଶବିତ୍ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତ, ବନ ବିଭାଗ, ବନ୍ୟପ୍ରାଣୀ ବିଭାଗ, କୋଷ୍ଟାଲ ଆକ୍ୱା କଲଚର ଅଥରିଟି ଓ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ପ୍ରସ୍ତୁତ ସିଇସି (ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି) ଗାଇଡ୍ ଲାଇନ୍‌କୁ ଚିଙ୍ଗୁଡ଼ି ଘେରି ଉଲ୍ଲଂଘନ କରୁଛି। ଏହି ଘେରିରେ ଖାଦ୍ୟ, ଔଷଧ ଓ ରାସାୟନିକ ସାର ପ୍ରୟୋଗ ହେତୁ ଗ୍ରାମ ପରିବେଶ ବିଷାକ୍ତ ହୋଇଯାଉଛି। ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ନାୟକ କହିଛନ୍ତି, ନିମ୍ନମାନର ପାଣି ମୋଟର ଓ ଏଭିଏଟର ପାଇଁ ୩ ବର୍ଷ ମଧ୍ୟରେ ଚିଙ୍ଗୁଡ଼ି ଘେରିରେ ୧୧ଟି ଦୁର୍ଘଟଣା ହେଲାଣି। ଏଥିରେ ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳର ଜଣେ ଲେଖାଏ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି। ଏଠାରେ ବ୍ୟବହୃତ ଯନ୍ତ୍ରଗୁଡ଼ିକ କେତେଜଣ ବ୍ୟବସାୟୀ ଦିଲ୍ଲୀ, ମୁମ୍ବାଇ, କୋଲକାତା ଆଦି ସ୍ଥାନରୁ ବିନା ରସିଦରେ ଆଣୁଛନ୍ତି। ଏହି ମୋଟର ଓ ଏଭିଏଟରଗୁଡ଼ିକ ନିମ୍ନମାନର ହୋଇଥିବାରୁ ଶ୍ରମିକଙ୍କ ଜୀବନମରଣ ସମସ୍ୟା ଦେଖାଦେଇଛି। ଏପରି କି କେତେଗୋଟି ପାଣି ମୋଟର ଚାଲୁଥିବା ସମୟରେ ମଧ୍ୟ ବିସ୍ଫୋରଣ ହୋଇଛି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପ୍ରକ୍ରିୟା ବନ୍ଦ ହୋଇନାହିଁ। ନିକଟରେ ମହାକାଳପଡ଼ା କଣ୍ଡରାପାଟିଆ ଓ ରାଜକନିକାଠାରେ ୧୭୦ ଏକର ଜମିରୁ ଘେରି ଉଚ୍ଛେଦ କରାଯାଇଛି। ଏହାସହ ସ୍ଥାନୀୟ ତହସିଲଦାର ବେଆଇନ ଭାବେ ଗଢ଼ି ଉଠିଥିବା ଚିଙ୍ଗୁଡ଼ି ଘେରିର ଚିହ୍ନଟ ସହ ଉଚ୍ଛେଦ ଜାରି ରଖିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ତରୁନ୍


@ ଏ. ଗୁରୁକ୍ରିଷ୍ଣା


@ ଯୁଧିଷ୍ଠିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲକ୍ଷ୍ମୀସୁବଳ ବିଦ୍ୟାପୀଠରେ ଶିକ୍ଷକ ଅଭାବ

## ପ୍ରତିବାଦରେ ଛାତ୍ରାଭିଭାବକଙ୍କ ପକ୍ଷରୁ ଗଣଧାରଣା


ଛାତ୍ରୀଛାତ୍ର, ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ରାଜନଗର, ୧୧।୭ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଗୁଣ୍ଠି-ସଂସାରଫଳସ୍ଥିତ ଲକ୍ଷ୍ମୀସୁବଳ ବିଦ୍ୟାପୀଠରେ ଦୀର୍ଘଦିନ ହେବ ଶିକ୍ଷକ ନାହାନ୍ତି। ଶିକ୍ଷକ ଅଭାବରୁ ପାଠପଢ଼ାରେ ସମ୍ପୂର୍ଣ୍ଣ ବ୍ୟାଘାତ ସୃଷ୍ଟି ହେଉଛି। ଛାତ୍ର ଅଭିଭାବକମାନଙ୍କ ପକ୍ଷରୁ ବହୁବାର ଶିକ୍ଷକ ନିଯୁକ୍ତି ଦାବି କରାଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏ ଦିଗରେ କାଳକ୍ଷେପଣ ନୀତି ଗ୍ରହଣ କରୁଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ବିଦ୍ୟାପୀଠରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କ ପକ୍ଷରୁ ପୂର୍ବାହ୍ନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଗେଟରେ ତାଲା ପକାଇ ଗଣଧାରଣା ଦିଆଯାଇଥିଲା। ଶିକ୍ଷା କମିଟିର ସଭାପତି ବାସୁଦେବ ପାତ୍ରଙ୍କ ନେତୃତ୍ୱରେ ସରୋଜ ପାତ୍ର, ପୁଷ୍ପଲତା ଦାସ, ଅହଲ୍ୟା ପରିଡ଼ା, ପୁଷ୍ପଲତା ପାତ୍ର, ମିଲି ଦାସ, ଅଶୋକ ମଲିକ, ପ୍ରଭାତ ମହାନ୍ତି, ନିରୂପମା ନାୟକ, ପୂର୍ବତନ ସଭାପତି ବିକାଶ ପାତ୍ର, ନିର୍ମଳ ପ୍ରଧାନ, ରବୀନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର, ଶଶିକଳା ପାତ୍ର, ବୃନ୍ଦାବନ ମଲିକ, ବାସନ୍ତୀ ଘଡାଇ, ଅନ୍ନପୂର୍ଣ୍ଣା ଦାସ, ମନୋଜ ମଲିକ, ସବିତା ମଞ୍ଜରୀ ଦାସ, ରାଜେନ୍ଦ୍ର ନାୟକ, ଅଭିରାମ ସୂତାର, ରେଣୁକା ପାତ୍ର, ସାରଥି ସିଂ, ଗୋପାଳ ଦାସ ପ୍ରଭୃତି ଶତାଧିକ ଅଭିଭାବକ ଏହି ଗଣଧାରଣାରେ ସାମିଲ ହୋଇଥିଲେ। ଏଠାରେ ସୂଚନାଯୋଗ୍ୟ ଉତିକଣ ଅଞ୍ଚଳର ଏହି ସର୍ବ ପୁରାତନ ବିଦ୍ୟାପୀଠରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଯାଉଛି। ୨୫୦ ଛାତ୍ରୀଛାତ୍ରଙ୍କୁ ମାତ୍ର ୩ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଯାହାଫଳରେ ଶିକ୍ଷାଦାନରେ ଗୁରୁତର ବାଧା ସୃଷ୍ଟି ହେଉଛି।

# ରାଜନଗରରେ ଭାଜପାର ବୈଠକ

ରାଜନଗର, ୧୧।୭ (ଭାସ୍କର ରାଉତରାୟ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ୯ବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ଜନସମ୍ପର୍କ ଅଭିଯାନ ଓ ଗରିବ କଲ୍ୟାଣ ସମାବେଶ ରାଜନଗର ସଦର ମହକୁମାର ଦେବୀ ପଡିଆଠାରେ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ବୈଠକ ରାଜନଗର ବ୍ଲକ ଗୋପାଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜକ ଦିଲୀପ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରାକ୍ତନ ବିଧାୟକ ଅଲେଖ କୁମାର ଜେନା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରତି ସମର୍ଥନ ସାରା ବିଶ୍ୱରେ ବଢୁଛି। ଗରିବ କଲ୍ୟାଣ ଯୋଜନା ଘରେ ଘରେ ପହଞ୍ଚାଇବା ପାଇଁ କର୍ମୀମାନେ ପ୍ରତ୍ୟେକ ଘରକୁ ଯିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ପ୍ରଦୀପ କୁମାର ଦାସ, ଯୁବନେତା ଲୋକନାଥ ବିଶ୍ୱାଳ, ଜୟୀରାମ ରାଉତ, ସୁବାସ ରାଉତ, ଶରତ ସେଠୀ, ସନ୍ତୋଷ ନାୟକ, ବିଜୟ କୁମାର ରଣା, ଶ୍ରୀନିବାସ ରଣା, ପ୍ରଦୀପ କୁମାର ମିଶ୍ର, ମାଧବାନନ୍ଦ ଭୂୟାଁ, କେଶବ ଜେନା, ଚିତ୍ତରଞ୍ଜନ ରାଉତ, ଅମିତ ମଲିକ, ଧନଞ୍ଜୟ ମଣ୍ଡଳ, ତୋଫାନ ମଲିକ, ମେଘଶ୍ୟାମ ସେଠୀ, ପର୍ଶୁରାମ ଶୌର୍ଯ୍ୟବାଡ, ରବି ମଣ୍ଡଳ, ସଞ୍ଜୟ ମଣ୍ଡଳ, ଶରତ ଜେନା, ନରୋତ୍ତମ କବି, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଚାଷ ଜମି ପାଲଟିଛି ଚାରଣଭୂମି


ଚାଷ ଜମିରେ ଗୋରୁ ଚରୁଛନ୍ତି।

ମାର୍ଶାଘାଇ, ୧୧।୭
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଆଷାଢ଼ ଯାଇ ଶ୍ରାବଣ ହେଲଣି, ବର୍ଷାର ଦେଖାନାହିଁ। ଦକ୍ଷିଣ, ପଶ୍ଚିମ ମୌସୁମୀ ବର୍ଷା ଓଡ଼ିଶା ଉପକୂଳ ଛୁଇଁଥିଲେ ମଧ୍ୟ ଆଶାନୁରୂପକ ବର୍ଷା ହେଉନାହିଁ। ଯାହା ଟୋପାଏ ହେଉଛି, ତାହା ମାଟି ଭେଦୁନାହିଁ। ଚାଷ କାର୍ଯ୍ୟ ଠପ। ବର୍ଷାକୁ ଚାହିଁ ଚାହିଁ ଚାଷୀ ହତାଶ ହୋଇପଡ଼ିଲେଣି। ଫଳରେ କେଉଁଠି ଧାନ ତଳି ପଡ଼ ପାରୁନାହିଁ ତ କେଉଁଠି ତଳି ପଡ଼ିଥିଲେ ବି ପାଣି ଅଭାବରୁ ଗଜା ହୋଇପାରୁନାହିଁ। ମାର୍ଶାଘାଇ ବ୍ଲକୟର ଅଣଜଳସେଚିତ ଜମିରେ ଖରିଫ ଚାଷ ପାଇଁ ଅଣ୍ଟା ଭିଡ଼ିଥିବା ଚାଷୀଙ୍କ ଲାଗି ବର୍ଷା ମରୀଚିକା ପାଲଟିଛି। ଯେଉଁଠି ତଳି ରୁଆ ହୋଇ ଶସ୍ୟ ଶ୍ୟାମଳା ହେବା କଥା ତାହା ଏବେ ଗୋରୁ ଗାଈଙ୍କ ଚାରଣ ଭୂମି ପାଲଟିଛି। ବର୍ତ୍ତମାନ କେତେଜଣ ଚାଷୀ ମଟର ଦ୍ୱାରା ପାଣି ମଡ଼ାଇ ତଳି ଘେରା କାର୍ଯ୍ୟ ଆରମ୍ଭ କରିଛନ୍ତି। ସମଗ୍ର ମାର୍ଶାଘାଇ ବ୍ଲକ ଅଞ୍ଚଳରେ ପ୍ରାୟ ୮ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଉଛି। ବ୍ଲକର ଅଣଜଳସେଚିତ ଅନ୍ତେଇ, ବଟିରା, ମଙ୍ଗରାଜପୁର, ବେରୁହାଁ, ତାଳସଙ୍ଗା, ଗରଜଙ୍ଗା, ପରକୁଳା, ରାଘବପୁର ଓ ଆଖୁଆ ଦକ୍ଷିଣୀ ପଞ୍ଚାୟତ ହୋଇଥିବା ବେଳେ ବାକି ୧୫ଟି ପଞ୍ଚାୟତ ଜଳସେଚିତ ହୋଇଥିବାବେଳେ ଜମ୍ବୁ-ମାର୍ଶାଘାଇ କେନାଲ ଶୃଙ୍ଖଳା ପଡ଼ିଛି। ଯଦିଓ ପାଣି ଆସେ ଶାଖା କେନାଲ ଗୁଡ଼ିକ ସଫା ହୋଇ ନ ଥିବାରୁ ପାଣି ପହଞ୍ଚିବା କଷ୍ଟକର ହୋଇପଡ଼ିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ନିଅଣ୍ଟିଆ ବୃଷ୍ଟିପାତ ଯୋଗୁ ଚଳିତବର୍ଷ ଖରିଫ ଫସଲ ଅମଳ ହେବା ନେଇ ଚିନ୍ତାରେ ଚାଷୀମାନେ ରହିଛନ୍ତି। ବର୍ଷା କିମ୍ବା କେନାଲ ପାଣି ଆସିଲେ ରୁଆ ବେଉଷଣ ହେବ ବୋଲି ଚାଷୀମାନେ କହିଛନ୍ତି।

# ମହିଳାଙ୍କ ଟ୍ୟୁମର ଚିକିତ୍ସା କରାଇଲେ ଅସହାୟ ସମିତି


ସୁନିତା ନାୟକଙ୍କ ସହ ଅସହାୟ କଲ୍ୟାଣ ସମିତି ସଦସ୍ୟାମାନେ।

ପାରାଦୀପ, ୧୧।୭(ଶରତ ରାଉତ)

ପାରାଦୀପ ଷଣ୍ଢକୁଦ ବସ୍ତିରେ ରହୁଥିବା ଜଣେ ମହିଳା ଜଟିଳ ରୋଗରେ ଆକ୍ରାନ୍ତ ଥିଲେ। ସୋମବାର ତାଙ୍କର ଚିକିତ୍ସା ସ୍ଥାନୀୟ ଅସହାୟ କଲ୍ୟାଣ ସମିତି ସଦସ୍ୟା ସଦସ୍ୟମାନେ କଟକର ଏକ ଘରୋଇ ମେଡିକାଲରେ କରିଛନ୍ତି। ମହିଳା ଜଣକ ହେଲେ ସୁନିତା ନାୟକ। ତାଙ୍କ ପେଟରେ ହୋଇଥିବା ଏକ ବଡ ଟ୍ୟୁମରକୁ ଅପରେସନ କରି ବାହାର କରିଦିଆଯାଇଛି। ଏହି ଚିକିତ୍ସା ପରେ ମହିଳା ଜଣକ ସାମାନ୍ୟ ଉପଶମ ଲାଭ କରିଛନ୍ତି। ଏହି ଟ୍ୟୁମର ପାଇଁ ସୁନିତା ଅନେକ ଯନ୍ତ୍ରଣା ପାଉଥିଲେ, ମାତ୍ର ଚିକିତ୍ସା ପାଇଁ ସମ୍ବଳ ନ ଥିଲା। ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବବଲିନା ମହାନ୍ତିଙ୍କ ଉଦ୍ୟମରେ ସମିତିର ସଦସ୍ୟା ସଦସ୍ୟମାନେ ମିଶି ନିଜ ଭିତରେ ଆର୍ଥିକ ବନ୍ଦୋବସ୍ତ କରିଥିଲେ ବୋଲି ସମିତିର ଉପଦେଷ୍ଟା ଯୁଧିଷ୍ଠିର ସ୍ୱାଇଁ କହିଛନ୍ତି। ଏପରି ପ୍ରୟାସ ଆରମ୍ଭ କରିଥିବା ଡାକ୍ତର ମହାନ୍ତିଙ୍କୁ ସମିତି ସଭାପତି ପଞ୍ଚାନନ ବେହେରା କୃତଜ୍ଞତା ଜଣାଇଛନ୍ତି।

# ୫ ଶ୍ରେଣୀକୁ ଜଣେ ଶିକ୍ଷକ: ଶିକ୍ଷାଦାନ ବାଧାପ୍ରାପ୍ତ

## ହରିଶପୁର ପ୍ରାଥମିକ ବିଦ୍ୟାଳୟ

■ ୬୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି

ରଘୁନାଥପୁର, ୧୧।୭
(ରାଜେନ୍ଦ୍ର ନାରାୟଣ ସିଂହ)

ପ୍ରାଥମିକ ଶିକ୍ଷାକୁ ସରକାର ଗୁରୁତ୍ୱ ଦେଉଥିବାବେଳେ ୫ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ଏଭଳି ଚିତ୍ର ଜଗତ୍‌ସିଂହପୁର ଜିଲା ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ତାରପୁର ପଞ୍ଚାୟତସ୍ଥିତ ହରିଶପୁର ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏଠାରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଶିକ୍ଷକ ଜଣକ କୌଣସି ସରକାରୀ କାର୍ଯ୍ୟରେ ଗଲେ ବିଦ୍ୟାଳୟ ବନ୍ଦ ହେବାଭଳି ପରିସ୍ଥିତି ଉପୁଜିଛି। ୨୦୨୨ ଡିସେମ୍ବରରେ ଏ ସମ୍ପର୍କରେ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଶିକ୍ଷକ ନିଯୁକ୍ତି ପାଇଁ ଅନୁରୋଧ କରିଥିଲେ। ମଙ୍ଗଳବାର ବିଜେଡି ନେତା ପ୍ରଫେସର ରମାକାନ୍ତ ଭୋଇ, ସରପଞ୍ଚ ସୁଷମା ମଲ୍ଲିକ, ଚନ୍ଦ୍ରଶେଖର ସିଂହ ଓ ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ ସ୍କୁଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ବିଇଓ ବିଜୟ କୁମାର ସ୍ୱାଇଁଙ୍କୁ ଭେଟି ଶିକ୍ଷକ ନିଯୁକ୍ତି ସମ୍ପର୍କରେ ଆଲୋଚନା କରିଛନ୍ତି।

ଉକ୍ତ ସ୍କୁଲରେ ମୋଟ ୬୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ମାତ୍ର ଶିକ୍ଷକ ମତ୍‌ଲୁବ ଅଲ୍ଲୀ ଏକମାତ୍ର ଶିକ୍ଷକ ଭାବେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଗତ ନଭେମ୍ବରରେ ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ହୋଇଯାଇଥିଲା। ଏପ୍ରିଲରେ ପ୍ରଧାନ ଶିକ୍ଷୟିତ୍ରୀ ଅବସର ନେଇଥିଲେ। ରଜ ପରେ ସ୍କୁଲ ଖୋଲିବା ଦିନଠାରୁ ପିଲାଙ୍କ ପାଠପଢ଼ାରେ ଅବ୍ୟବସ୍ଥା ଲାଗିରହିଛି ବୋଲି ପରିଚାଳନା କମିଟି ସଭାପତି ମହେନ୍ଦ୍ରନାଥ ବାରିକ ଅଭିଯୋଗ କରିଛନ୍ତି। ଶୀଘ୍ର ଶିକ୍ଷକ ନିଯୁକ୍ତି କରା ନ ଗଲେ ପିଲାମାନେ ସ୍କୁଲ ଯିବା ବନ୍ଦ କରିଦେବେ ବୋଲି କମିଟି ଉପସଭାପତି ସୁଜାତା ବାରିକ, ମୀନାକ୍ଷୀ ସିଂହ, ଝରଣା ମଲ୍ଲିକ, ରମେଶ ଜେନା ଓ ଗ୍ରାମବାସୀ ବିନୋଦ ବିହାରୀ ମହାନ୍ତି, ବ୍ରହ୍ମାନନ୍ଦ ବାରିକ, ଦୁର୍ଗାପ୍ରସାଦ ମହାନ୍ତି ଓ ପ୍ରଭାତ ପରିଡା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଇଓ ସ୍ୱାଇଁ କୁହନ୍ତି, ଜୁନରୁ ଶିକ୍ଷକ ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ଏହାଛଡା କ୍ଲଷ୍ଟର ସିଆର୍‌ସିସିଙ୍କୁ ସ୍କୁଲରେ ଶିକ୍ଷାଦାନ କରିବାକୁ କୁହାଯାଇଛି ବୋଲି ସେ କହିଛନ୍ତି।


ବିଇଓ ବିଜୟ କୁମାର ସ୍ୱାଇଁଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

# ୭ ବର୍ଷ ପରେ ନାକ୍ ଅଧିସ୍ୱୀକୃତି ପାଇଁ ଉଦ୍ୟମ

## ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ



ଜଗତ୍‌ସିଂହପୁର, ୧୧।୭
(ପ୍ରମୋଦ କୁମାର ନାୟକ)

ରାଜ୍ୟରେ ଏକଦା ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ତାର ସ୍ୱତନ୍ତ୍ରତା ରକ୍ଷା କରି ପାରିଥିଲା। ନାକ୍ (ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡେଶନ୍ କାଉନ୍‌ସିଲ) ଅଧିସ୍ୱୀକୃତି ପାଇଥିଲା। କିନ୍ତୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ମାନ ରକ୍ଷା କରିବାରେ ବିଫଳ ହେବାରୁ ୨୦୧୭ରୁ ଏହି ଅଧିସ୍ୱୀକୃତି ବାତିଲ ହୋଇଯାଇଥିଲା। ସେବେଠାରୁ ମହାବିଦ୍ୟାଳୟ ନାକ୍ ଅଧିସ୍ୱୀକୃତିରୁ ବଞ୍ଚିତ ରହିଛି। ୭ ବର୍ଷ ପରେ ଅର୍ଥାତ୍ ଚଳିତବର୍ଷ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନାକ୍ ଅଧିସ୍ୱୀକୃତି ପାଇଁ ପୂରା ଦମ୍‌ରେ ଲାଗି ପଡିଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନ କରିବାର ଥିବାରୁ ୭ ବର୍ଷର କାଗଜପତ୍ର ଠିକ୍ କରିବାରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଡୁଆ ହେଉଛି। ମୋଟାମୋଟି ଭାବେ କାଗଜପତ୍ର ପ୍ରସ୍ତୁତ ସହ ପରିବେଶ ଓ ଉତ୍ତମ ଭିତ୍ତିଭୂମି ଦର୍ଶାଇ ନ ପାରିଲେ ଏଥର ମଧ୍ୟ ମହାବିଦ୍ୟାଳୟକୁ ନିରାଶ ହେବାକୁ ପଡିବ। ତେଣୁ ମହାବିଦ୍ୟାଳୟ ସହ ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମଧ୍ୟ ଉଦ୍ୟମ ଜାରି ରଖିଛନ୍ତି।

ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୁଣା ବିଲ୍ଡିଂର ଝରକା, ତାଜା ଆଦି ଖରାପ ହୋଇଗଲାଣି। ଏହାର ପୁନରୁଦ୍ଧାର ଜରୁରୀ। ଏଥିସହ ଅନ୍ୟାନ୍ୟ ଅଭାବ ରହିଛି। ନାକ୍ ଅଧିସ୍ୱୀକୃତି ପାଇଁ ଉତ୍ତମ ଭିତ୍ତିଭୂମି ଜରୁରୀ। ତେଣୁ ମହାବିଦ୍ୟାଳୟ ପକ୍ଷରୁ ଏହାର ପ୍ରତିକାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏଥିସହ କର୍ମଚାରୀ, ଛାତ୍ରୀଛାତ୍ର ସଂଖ୍ୟା, ପାଠ୍ୟ ବିଷୟ, ସବୁଜ ଅଞ୍ଚଳ, ଲାବୋରେଟୋରି, ଲାଇବ୍ରେରି, ଖେଳ ପଡ଼ିଆ, ଇତ୍ୟାଦି ସୁବିଧା ସୁଯୋଗ ଉପରେ ମୂଲ୍ୟାଙ୍କନ କରାଯିବ। ଏହାଛଡ଼ା କେଉଁ ଅନୁଷ୍ଠାନ ସହ ମହାବିଦ୍ୟାଳୟ ଅନୁବନ୍ଧିତ ତାର ଉପରେ ବିଚାର କରାଯିବ। ମହାବିଦ୍ୟାଳୟ ପକ୍ଷରୁ ଏସବୁ ସଂକ୍ରାନ୍ତୀୟ କାଗଜପତ୍ର ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ ଚାଲିଛି। ଏହାପରେ ଆବେଦନ କରାଯିବ। ତା'ପରେ ୟୁଜିସି ପକ୍ଷରୁ ଭିଡିଓ ପ୍ରସ୍ତୁତ ସହ କ୍ଷେତ୍ର ଅନୁଧ୍ୟାନ ପାଇଁ ଆସିବେ। ଶେଷରେ ନାକ୍ ଅଧିସ୍ୱୀକୃତି ପାଇବା ପାଇଁ ଯୋଗ୍ୟ ହେଲେ ଘୋଷଣା କରାଯିବ। ସୌଭାଗ୍ୟ ଏହା ଭିତରେ ମହାବିଦ୍ୟାଳୟ ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ୨.୭୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ଏଥିରେ ମହାବିଦ୍ୟାଳୟ ପୁନରୁଦ୍ଧାର ସାଙ୍ଗକୁ ଇ-ଲାଇବ୍ରେରି, ଲାବୋରେଟୋରି, ଫର୍ନିଚର, ଟାଇଲ, କମ୍ପ୍ୟୁଟର, ସ୍ମାର୍ଟ କ୍ଲାସ ରୁମ୍ ହେବ। ବିଲ୍ଡିଂଗୁଡିକରେ ରଙ୍ଗ ସହ ଖେଳ ପଡିଆର ଉନ୍ନତୀକରଣ କରାଯିବ। ଏହା ବାଦ୍ ବିଧାୟକ ଓ ଏମ୍‌ପି ପାଣ୍ଠିରେ ମଧ୍ୟ କିଛି କାମ ହେବ। ଏହାଛଡ଼ା ମହାବିଦ୍ୟାଳୟ ପରିସରରେ ଏକ ହେରିଟେଜ୍ ହଲ୍ କରାଯିବାକୁ ପ୍ରସ୍ତାବ ରହିଛି। ସେଠାରେ ସ୍ୱାଧୀନତା ସଂଗ୍ରାମୀଙ୍କଠାରୁ ଆରମ୍ଭ କରି ଜିଲାର ଗୌରବ ଅର୍ଥାତ୍ ବିଶିଷ୍ଟ ଲେଖକ, କବି, ବୈଜ୍ଞାନିକ, ଅଳକା ସ୍ମୃତି ଆଦିର ତୈଳ ଫଟୋଚିତ୍ର ସ୍ଥାନିତ ହେବ। ଜିଲାପାଳ ଏ ବାବଦରେ ୫୦ ଲକ୍ଷ ଟଙ୍କା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଅଧ୍ୟକ୍ଷ ବିଜୟ କୁମାର ପାତ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ବୃକ୍ଷରୋପଣ

**ରାଜନଗର, ୧୧।୭ (ଭାସ୍କର ରାଉତରାୟ) :** ରାଜନଗର ବ୍ଲକ ନାଥପୁରସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସିଏଫ ପୁନମ ହୀରା ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ପରିବେଶ ପ୍ରଦୁଷଣ ଯୋଗୁ ଜଳବାୟୁ ପରିବର୍ତ୍ତନ ଭଳି ପରିସ୍ଥିତିର ଆମେ ସାମ୍ନା କରୁଛେ। ଏଥିରୁ ମୁକୁଳିବାର ଏକମାତ୍ର ବାଟ ହେଉଛି ବ୍ୟାପକ ଗଛ ଲଗାଇବା ବୋଲି କହିଥିଲେ। ମହାବିଦ୍ୟାଳୟର ଅଧକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା, ଫରେଷ୍ଟର ବିଜୟ କୁମାର ପାତ୍ର, ଗବେଷକ ପ୍ରସନ୍ନ କୁମାର ପରିଡା, ଖବରଦାତା ଭାସ୍କର ରାଉତରାୟ, ତାପସ କୁମାର ପରିଡା, ଅଧାପିକା ଭଗବତୀ ରାଉତ, ପ୍ରଦୀପ କୁମାର ପାଲ, ରାଜକିଶୋର ପାଣି, ବିଶ୍ୱମ୍ଭର ତ୍ରିପାଠୀ, ଶିକ୍ଷାବିତ୍ ଅନାଦି ଚରଣ ଜେନା ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ଅତିଥିମାନଙ୍କ ସହିତ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରରେ ନିମ୍ବ, ଅର୍ଜୁନ, କାଞ୍ଚନ, ଜାମୁ, ପେସ୍ତା, ରାଧାଚୂଡ଼ା, କୃଷ୍ଣଚୂଡ଼ା ପ୍ରଭୃତି ୨ଶହ ଚାରା ରୋପଣ କରିଥିଲେ।

### ବନୀକରଣ କାର୍ଯ୍ୟକ୍ରମ

**କଳିଙ୍ଗନଗର,୧୧।୭(ଶୁଭାଶିଷ ରାଉତ):** ଦାନଗଦି ବ୍ଲକ ଟମକା ବନାଞ୍ଚଳ ପକ୍ଷରୁ ଗୋବର୍ଦ୍ଧନପୁର ପଞ୍ଚାୟତର ଗୋପହୁଡ଼ି ଲଣ୍ଡା ପାହାଡ଼ଠାରେ ବୃହତ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଲଣ୍ଡା ପାହାଡ଼ର ୧୫ ହେକ୍ଟର ପରିମିତ ଜମିରେ ୨୪ ହଜାର ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦାନଗଦି ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧକ୍ଷ ଅଜୟ କୁମାର ବିନ୍ଧାଣି, ଜିଲାପରିଷଦ ସଭ୍ୟ ସ୍ମୃତିରେଖା ରାଉତ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଟମକା ବନାଞ୍ଚଳ ଅଧିକାରୀ ଶଶିଭୂଷଣ ବେହେରା ଓ ଫରେଷ୍ଟର ଚିତ୍ତରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବର ଗଛ ରୋପଣ, ସଂରକ୍ଷଣ ଅଭିଯାନ

**ପାଟକୁରା,୧୧।୭(ରବିନ୍ଦ୍ରନାଥ ବାରିକ):** ଗ୍ରୀନ ଡେଭେଲପମେଣ୍ଟ ଫାଉଣ୍ଡେଶନ କୋରୁଆ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଚାରା ରୋପଣ ଓ ସଂରକ୍ଷଣ ଅଭିଯାନ ଆରମ୍ଭ ହୋଇଛି। ଅନୁଷ୍ଠାନର ସମ୍ପାଦକ ପ୍ରକୃତିବନ୍ଧୁ ସନ୍ତୋଷ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଗରଦପୁର ବ୍ଲକରେ ଐତିହ୍ୟ ସମ୍ପନ୍ନ ବ୍ରଜଗଦାଧର ପୀଠରେ ବଟ ବୃକ୍ଷ ପୂଜନ ଓ ନୂତନ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଲୋକନାଥ ମହାବିଦ୍ୟାଳୟର ଅଧାପକ ରମାକାନ୍ତ ପାଣି, ତପନ କୁମାର ଡୁଙ୍ଗୁରି, ପୂର୍ବତନ ସରପଞ୍ଚ ଅଶୋକ ଜେନା, ସମାଜିକ କର୍ମୀ ମନୀଷା ପଣ୍ଡା ପ୍ରମୁଖ ଯୋଗଦେଇ ଚାରାରୋପଣ କରିବା ସହ ବଟ ବୃକ୍ଷର ସରଂକ୍ଷଣ ଉପରେ ଗୁରୁତ୍ୱଆରୋପ କରିଥିଲେ। ଓଡ଼ିଶାର ସମସ୍ତ ଜିଲାରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସମ୍ପାଦକ ମତବ୍ୟକ୍ତ କରିଥିଲେ। ପଣ୍ଡିତ ମଳୟ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ଭରତ ରାଉତ, ସନାତନ ଦାସ ରବୀନ୍ଦ୍ର ଦାସ ଓ ମନୋସ୍ୱିନୀ ଜେନା ସହଯୋଗ କରିଥିଲେ।

# ସାତଭାୟା ଥଇଥାନ ସ୍ଥଳରେ ପ୍ରଶାସନର ଯୁଗ୍ମ ତଦନ୍ତ

**ରାଜନଗର,୧୧।୭ (ଭାସ୍କର ରାଉତରାୟ)**

ବଙ୍ଗୋପସାଗର ଆଁ ମୁହଁରେ ଥିବା ସାତଭାୟାବାସୀଙ୍କୁ ବଗପାଟିଆଠାରେ ଥଇଥାନ କରାଯାଇଛି। ପ୍ରଥମ ଦଫାରେ ୫୭୧ ପରିବାରକୁ ଥଇଥାନ କରାଯାଇଥିବା ବେଳେ ଦ୍ୱିତୀୟ ଦଫାରେ ୧୪୮ ପରିବାରକୁ ଥଇଥାନ କରାଯାଇଛି। ଥଇଥାନରୁ ବାଦ ପଡ଼ିଥିବା ଅବଶିଷ୍ଟ ୨୩୫ ପରିବାରକୁ ଥଇଥାନ କରିବାକୁ ମଙ୍ଗଳବାରଠାରୁ ଆବେଦନକାରୀଙ୍କ ଆବେଦନପତ୍ର ଓ ବିଭିନ୍ନ ପ୍ରମାଣପତ୍ର ଯାଞ୍ଚ କରାଯାଉଛି। ଏହି ଯାଞ୍ଚ ପ୍ରକ୍ରିୟା ୨ଦିନ ଧରି ଚାଲିବ। ମଙ୍ଗଳବାର ପ୍ରଥମ ଦିନରେ ୧୨୦ ଆବେଦନର ଯାଞ୍ଚ କରାଯାଇଛି ବୋଲି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ସୂଚନା ଦେଇଛନ୍ତି।

ବଗପାଟିଆ ଥଇଥାନ ତଥା ପୁନର୍ବାସ ଯୋଜନାରେ ବାଦ ପଡ଼ିଥିବା ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ପୁନଃର୍ବାର ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବ। କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ, ସାତଭାୟା ପଞ୍ଚାୟତ କାର୍ଯ୍ୟାଳୟରେ ଥଇଥାନରୁ ବାଦ୍ ପଡ଼ିଥିବା ପରିବାରର କାଗଜପତ୍ରର ଯାଞ୍ଚ କରାଯାଉଛି। ପଞ୍ଚାୟତ କାର୍ଯ୍ୟାଳୟର ୩ଟି ଟେବୁଲରେ ଏହି ଯାଞ୍ଚ କରାଯାଉଛି। ତହସିଲଦାର ଭୂୟାଁଙ୍କ ସମେତ ସହକାରୀ ଜିଲାପାଳ ପୁରୁଷୋତ୍ତମ ଦାସ, ରାଜସ୍ୱ ନିରୀକ୍ଷକ ବିଜୟ କୁମାର ଜେନା, ସୁପରଭାଇଜର ବୈଷ୍ଣବ ଦ୍ୱିବେଦୀ, ଶିବ ପ୍ରସାଦ ଚାଟାର୍ଜୀ ପ୍ରମୁଖ ହିତାଧିକାରୀଙ୍କ ଆଧାରକାର୍ଡ, ଭୋଟ ପରିଚୟ ପତ୍ର, ରାଶନ କାର୍ଡ ଆଦି ଯାଞ୍ଚ କରୁଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ ଟା ଯାଏ ଏହି ଯାଞ୍ଚ ପ୍ରକ୍ରିୟା ଜାରି ରହିଥିଲା। ବୁଧବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ ଟା ଯାଏ ସାତଭାୟା ପଞ୍ଚାୟତ କାର୍ଯ୍ୟାଳୟରେ ତଦନ୍ତ କାର୍ଯ୍ୟ ଚାଲୁ ରହିବ। ପୂର୍ବରୁ ବାଦ୍ ପଡ଼ିଥିବା ୨୩୫ ଜଣ ବ୍ୟକ୍ତିଙ୍କ ତାଲିକା ପଞ୍ଚାୟତ କାର୍ଯ୍ୟାଳୟ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ କରାଯାଇଥିଲା। ତଦନ୍ତରେ ସହଯୋଗ କରିବାକୁ ଉଭୟ ସ୍ତ୍ରୀସ୍ୱାମୀଙ୍କ ଉପସ୍ଥିତି ସହ ଆବଶ୍ୟକ ପ୍ରମାଣପତ୍ର ଯଥା ଆଧାରକାର୍ଡ, ଭୋଟ ପରିଚୟ ପତ୍ର ଅସଲି ଓ ନକଲିକୁ ଯାଞ୍ଚ କରାଯାଉଛି। ଏପରିକି ୨୩୫ ତାଲିକା ଭିତରେ ନାଁ ନ ଥିବା ପରିବାର ଯେଉଁମାନେ ସାତଭାୟାର ମୂଳ ବାସିନ୍ଦା ସେମାନେ ଆବେଦନ କରିବା ସହ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ କରାଉଛନ୍ତି।


ଥଇଥାନ ପାଇଁ ଲୋକମାନଙ୍କ ପ୍ରମାଣପତ୍ର ପ୍ରଶାସନିକ ଅଧିକାରୀ ଯାଞ୍ଚ କରୁଛନ୍ତି।

ସାତଭାୟା ପଞ୍ଚାୟତକୁ ସମୁଦ୍ର ଗର୍ଭସ୍ଥ କରିବା ପରେ ବିପନ୍ନ ପରିବାରକୁ ବଗପାଟିଆଠାରେ ଥଇଥାନ କରାଯାଇଛି। ୨୦୧୮ରେ ଆରାଧ୍ୟା ଦେବୀ ମା' ପଞ୍ଚୁବରାହୀଙ୍କୁ ଥଇଥାନ ସ୍ଥଳକୁ ସ୍ଥାନାନ୍ତର କରାଯିବା ପରେ ସାତଭାୟାବାସୀ ଥଇଥାନ ସ୍ଥଳରେ ବସବାସ କରୁଛନ୍ତି। ଥଇଥାନରୁ ବାଦ୍ ପଡ଼ିଥିବା ଅବଶିଷ୍ଟ ପରିବାରକୁ ଥଇଥାନ କରିବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା। ୫-ଟି ସଚିବ ଭି.କେ.ପାଣ୍ଡିଆନ ଥଇଥାନ ସ୍ଥଳକୁ ଗସ୍ତ କରିଥିବା ସମୟରେ ବାଦ୍ ପଡ଼ିଥିବା ଅବଶିଷ୍ଟ ପରିବାରକୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍‌ର ବିକ୍ଷୋଭ


ଯନ୍ତ୍ରୀଙ୍କୁ ସିପିଆଇଏମ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**କେନ୍ଦ୍ରାପଡ଼ା, ୧୧।୭(ଜଗନ୍ନାଥ ଧଳ)**

ରାଜକନିକା ଆଞ୍ଚଳିକ ମଣ୍ଡଳ ସିପିଆଇଏମ୍ ପକ୍ଷରୁ ମଙ୍ଗଳବାର ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଟାଟା ପାୱାରର ମନମାନୀ କାର୍ଯ୍ୟ, ବାରମ୍ବାର ବିଦ୍ୟୁତ୍ କାଟ, ମନଇଚ୍ଛା ବିଦ୍ୟୁତ୍ ବିଲ୍ ଆଦାୟ ପ୍ରତିବାଦରେ ଷ୍ଟ୍ରକଚର ଛକରୁ ଶୋଭାଯାତ୍ରାରେ ସିପିଆଇଏମ୍ ନେତା ଓ କର୍ମୀମାନେ ଆସି ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ପଥପ୍ରାନ୍ତ ସଭା କରାଯାଇଥିଲା। ଶିକ୍ଷକ ନେତା ନବକିଶୋର ସୁତାରଙ୍କ ସଭାପତିତ୍ୱରେ ବାମପନ୍ଥୀ ନେତା କାଳିପ୍ରସାଦ ନାୟକ, କୃଷକ ନେତା ଦାମୋଦର ଦଳ, ଶ୍ରମିକ ନେତା ଧନେଶ୍ୱର ରାଉତ ଉପସ୍ଥିତ ରହି ଟାଟା କମ୍ପାନୀର ମନମୁଖୀ କାର୍ଯ୍ୟ ଶୈଳୀକୁ ସମାଲୋଚନା କରିଥିଲେ। ଆଗାମୀଦିନରେ ଏହାର ସମାଧାନ ନ ହେଲେ ଲୋକେ ସମସ୍ତ ବିଦ୍ୟୁତ କାର୍ଯ୍ୟାଳୟ ଅଚଳ କରିଦେବେ ବୋଲି ଚେତାବନୀ ଦେଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭାଗୀୟ ଯନ୍ତ୍ରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ।

# ଯୁବଚାଷୀଙ୍କୁ ବିପଦର ବନ୍ଧୁ ସମ୍ମାନ

**ରସୁଲପୁର,୧୧।୭(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତର ବୁଡ଼ୀ ଜାଗୁଳାଇ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିପଦର ବନ୍ଧୁ ପରିବାର ଓ ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟ ତରଫରୁ ଏକ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତର ଯୁବଚାଷୀ ଶିଶିର କୁମାର ରାଉତଙ୍କୁ 'ବିପଦର ବନ୍ଧୁ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଶିବିରରେ ପଞ୍ଚାୟତର ୨୧ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୧୦ଜଣଙ୍କ ମୋତିଆ ବିନ୍ଦୁ ରହିଥିବାରୁ ସେମାନଙ୍କର ଅସ୍ତ୍ରୋପଚାର ପାଇଁ ଅନୁଷ୍ଠାନ ପକ୍ଷରୁ ଯାଜପୁର ଜିଲା ଦାନଗଦିସ୍ଥିତ ଶୁଶ୍ରୂଷା ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଏଥିସହ ଶିବିରରେ ଯୋଗଦେଇଥିବା ବହୁ ଆଖିଧରା ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କାରାଯାଇଥିଲା। କାର୍ଯ୍ୟକ୍ରମରେ ବିପଦର ବନ୍ଧୁ ପ୍ରତିଷ୍ଠାନର ନିହାର ଆଚାର୍ଯ୍ୟ, ଉପଦେଷ୍ଟା ବିଦ୍ୟାଧର ସାହୁ, ପ୍ରଦୀପ ସାମଲ, ଗୋଲକ ବିହାରୀ ରାଉତ, ବ୍ରହ୍ମାନନ୍ଦ ମଲିକ, ଶ୍ରଦ୍ଧାଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଭଗବାନ ଦାଶ, ମାନସ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଶ୍ରମିକ, ସାମଗ୍ରୀର ଦେୟ ପୈଠରେ ବିଳମ୍ବ ଅଭିଯୋଗ



ଶିବିରରେ ଯୋଗଦେଇଥିବା ପ୍ରଶାସିନକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

**ବିରିଡି,୧୧।୭(ପ୍ରଶାନ୍ତ କୁମାର ରାଉତ)**

### ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ଉପରେ ବିରିଡି ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ପ୍ରସାଦ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଶିବିରରେ ଆମ୍ବୁଡସ୍‌ମ୍ୟାନ ରମେଶ ଚନ୍ଦ୍ର ବେହେରା, ବିଡିଓ ହେମନ୍ତ କୁମାର ମହାନ୍ତ, ଏମସି ପ୍ରାଚୀ ପରମିତା, ବ୍ଲକ ଅଧକ୍ଷା ମମତା ପାତ୍ର, ଉପାଧକ୍ଷ ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାସ, ଡିଏସ୍‌ଏ ଦୀପକ ପରିଡା, ବିଏସ୍‌ଏ ଶ୍ରୀବତ୍ସ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ରାୟ, ବିଜୟ ବିଶ୍ୱାଳ, ରଶ୍ମିତା ସାହୁ ପ୍ରମୁଖ ଯୋଗଦେଇ ସମୀକ୍ଷା କରିଥିଲେ । ଶିବିରକୁ କୌଣସି ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ ଆସି ନ ଥିବାରୁ ସେମାନଙ୍କ ବିରୋଧରେ ରିଜୋଲ୍ୟୁଶନ କରିବାକୁ କୁହାଯାଇଥିଲା । କେଉଁ ବିଭାଗ କେଉଁ ପଞ୍ଚାୟତରେ କ'ଣ କାର୍ଯ୍ୟ କରୁଛନ୍ତି ତାହା ସରପଞ୍ଚମାନଙ୍କୁ ଜଣାଉନାହାନ୍ତି। ଫଳରେ ସରପଞ୍ଚମାନେ ଅନ୍ଧାରରେ ରହୁଥିବା ସରପଞ୍ଚ ଯୁଧିଷ୍ଠିର ବେହେରା କହିଥିଲେ। ବ୍ଲକରେ ଜିଆର୍‌ଏସ, ପିଇଓ ଓ ଯନ୍ତ୍ରୀମାନଙ୍କ ମଧ୍ୟରେ ଯୋଗାଯୋଗ ଠିକ ରହୁନାହଁ ବୋଲି ଜନଶୁଣାଣିରେ ଆଲୋଚନା ହୋଇଥିଲା। ଷଢ଼େଇଶାସନ ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିସ୍ ଉପରେ ସର୍ବାଧିକ ଅଭିଯୋଗ ହୋଇଥିଲା। ସେହିପରି ବାରେଡିଆ, ଶିବପୁର ଓ ବଡ଼ଖଣ୍ଡେଇତ ପଞ୍ଚାୟତରୁ ମଧ୍ୟ ଏ ସମ୍ପର୍କିତ ଅନେକ ଅଭିଯୋଗ ହୋଇଥିଲା। ଶ୍ରମିକ ଓ ଅନ୍ୟାନ୍ୟ ସାମଗ୍ରୀର ଦେୟ ପୈଠ ବିଳମ୍ବ ହେଉଥିବା ନେଇ ଜିଲାପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାସ ଉପସ୍ଥିତ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷର ୧।୧୦।୨୦୨୨ରୁ୩୧।୩। ୨୦୨୩ ପର୍ଯ୍ୟନ୍ତ ୨୧ ପଞ୍ଚାୟତରେ ୨ ଲକ୍ଷ ୫ ହଜାର ୨୦୫ ଟଙ୍କାର କାମ କରିବାକୁ ଟାର୍ଗେଟ ଥିବାବେଳେ ଏପର୍ଯ୍ୟନ୍ତ ମାତ୍ର ୧ଲକ୍ଷ ୫୯ହଜାର ୯୦୮ଟଙ୍କା ଖର୍ଚ୍ଚ ହୋଇଥିବା ଅଭିଯୋଗ କରାଯାଇଥିଲା। ଶିବିରରେ ଭିଆରପି, ଜିଆରଏସ, ପିଇଓ ଏବଂ ଯନ୍ତ୍ରୀମାନଙ୍କ ସହ କେତେଜଣ ଜନପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ଉପାଧକ୍ଷା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

# ନୂତନ ପୌର ନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ

**କେନ୍ଦ୍ରାପଡ଼ା,୧୧।୭(ଜଗନ୍ନାଥ ଧଳ)**

ପଟ୍ଟାମୁଣ୍ଡାଇ ପୌରପରିଷଦରେ ନୂତନ ପୌର ନିର୍ବାହୀ ଅଧିକରୀ ଭାବେ ଯୋଗ ଦେଇଥିବା ଅଜିତ ନାରାୟଣ ପ୍ରାସାଦ ଗିରିଙ୍କୁ ମଙ୍ଗଳବାର ନଗର କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି। ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନଙ୍କ ନେତୃତ୍ୱରେ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଯୁବନେତା ଅବିନାଶ ଲେଙ୍କା, କାଉନସିଲର ମଳୟ ଓଝା, ପୂର୍ବତନ କାଉନସିଲର ଆଲୋକ ଧଳ, ସନାତନ ବିଶ୍ୱାଳ, ତପନ ପାତ୍ର ପ୍ରମୁଖ ଯୋଗ ଦେଇ ପଟ୍ଟାମୁଣ୍ଡାଇର ମୌଳିକ ସମସ୍ୟା ଓ ବିଭିନ୍ନ ଉନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନିର୍ବାହୀ ଅଧିକରୀ ଗିରି ଲୋକଙ୍କ ନିକଟତର ହୋଇ ବିଭିନ୍ନ ଯୋଜନାକୁ ସଫଳ ରୂପାୟନ କରିବା ଦିଗରେ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଆଳି, ରାଜକନିକାବାସୀ

**ଆଳି,୧୧।୭( ବନମାଳୀ ସେନାପତି)**

**ଆଳି ନୂଆବଜାର-ବଳିତର ଘାଟ ଖରସ୍ରୋତା ନଦୀ ଉପରେ ହେବ ସେତୁ**

କ୍ୟାବିନେଟ ବୈଠକରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଖରସ୍ରୋତା ନଦୀରେ ସେତୁ ନିର୍ମାଣ ନିମନ୍ତେ ୯୭ କୋଟି ୨୪ ଲକ୍ଷ ୫୦ ହଜାର ୧ଟଙ୍କା ଅନୁମୋଦନ କରିଛନ୍ତି। ଏହାକୁ ନେଇ ଆଳି ଓ ରାଜକନିକା ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ମଙ୍ଗଳବାର ଆଳି ବହୁମୁଖୀ ଆଶ୍ରୟସ୍ଥଳୀ ପରିସରରେ ବ୍ଲକ ଅଧକ୍ଷ ମନୋରଞ୍ଜନ ସାମଲଙ୍କ ଆବାହକତ୍ୱରେ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ସମ୍ମିଳନୀରେ ଅଧକ୍ଷ ସାମଲ କହିଥିଲେ ଯେ, ଆଳି ନୂଆବଜାର - ବଳିତର ଘାଟ ରାସ୍ତା ଖରସ୍ରୋତା ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଆଳି ଓ ରାଜକନିକାର ଜନସାଧାରଣ ଦାବି କରି ଆସୁଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଆଳି ଓ ରାଜକନିକା ଅଞ୍ଚଳ ଜନସାଧାରଣଙ୍କ ଦୀର୍ଘଦିନର ସ୍ୱପ୍ନ ସାର୍ଥକ ହେଲା। ଏହି ସେତୁ ନିର୍ମାଣ ହେବା ଦ୍ୱାରା ଜିଲାର ଆଳି, ରାଜକନିକା ସହ ପ୍ରତ୍ୟକ୍ଷ ଯୋଗାଯୋଗ ସମ୍ଭବ ହେବ। ଏଥିସହ ଭଦ୍ରକ, ଯାଜପୁର ଜିଲାକୁ ସବୁଦିନିଆ ଯୋଗାଯୋଗ ପଥ ସୁଗମ ହୋଇପାରିବ। ଏହା ସହ ପ୍ରସିଦ୍ଧ ଶୈବପୀଠ ଶ୍ରୀଆଖଣ୍ଡଳମଣି ପୀଠକୁ ଯିବାକୁ ମଧ୍ୟ ସୁବିଧା ଲୋକମାନେ ପାଇପାରିବେ। ସେତୁ ନିର୍ମାଣ ଦ୍ୱାରା ଆଳିରୁ ରାଜକନିକା ଓ ଓଳାଭରକୁ ପ୍ରାୟ ୨୦ କିମି ରାସ୍ତା କମି ଯିବ। ପ୍ରତ୍ୟକ୍ଷ ଭାବରେ ଏହାଦ୍ୱାରା ପ୍ରାୟ ୨ଲକ୍ଷ ୫୦ ହଜାର ଲୋକ ସୁବିଧା ପାଇବେ। ଏହି ପ୍ରକଳ୍ପ ସମାପ୍ତି ହେଲେ ଏହା ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହେବ। ଏହି କାର୍ଯ୍ୟ ୩୦ ମାସ ମଧ୍ୟରେ ଶେଷ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଆଳି, ରାଜକନିକା ଜନସାଧାରଣଙ୍କ ପକ୍ଷରୁ ଆମ୍ଭେମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆଳି ବିଧାୟକ ତଥା ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ କୃତଜ୍ଞତା ଜଣାଉଛୁ। ଅନ୍ୟମାନଙ୍କ ମଧ୍ୟରେ ରାଜକନିକା ବ୍ଲକ ଅଧକ୍ଷା ମିନତି ରାଉତ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ଜୟରାମ ସାହୁ, ପ୍ରତାପ କୁମାର ବେହେରା, ଦଶୀପୁର ସରପଞ୍ଚ ପ୍ରଦ୍ୟୋତ ମହାନ୍ତି, ଦେମାଳ ସରପଞ୍ଚ ରୀତାରାଣୀ ପରିଡା ଓ ଶକ୍ତିମନ୍ତ୍ରୀଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଜେଡିର ନେତାମାନେ।

# 'ପଥରବନ୍ଧ ନିର୍ମାଣ ନ ହେଲେ ଆନ୍ଦୋଳନ'

**ନାଉଗାଁ,୧୧।୭(ସୁଧା ବେହୁରା)**

- ବନ୍ୟା ଆସିଲେ ଭାଙ୍ଗିବାର ଆଶଙ୍କା ରହିଛି
- ୩ ବର୍ଷ ପୂର୍ବେ ନିଷ୍ପତ୍ତି ହୋଇଥିଲା
- ନାଉଗାଁ, ବାଲିକୁଦା ବ୍ଲକର ବହୁ ପଞ୍ଚାୟତ ପ୍ରଭାବିତ ହେବ

ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତ ତୁମ୍ୱେଶ୍ୱର ନିକଟସ୍ଥ ଦେବୀ ନଦୀଠାରେ ଜଳସମ୍ପଦ ବିଭାଗ ତରଫରୁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପ ନିର୍ମାଣ ହେବା ଫଳରେ ଦେବୀ ନଦୀ ବନ୍ଧରେ ଫାଟ ସୃଷ୍ଟି ହୋଇଛି। ଏହାକୁ ତୁମ୍ୱେଶ୍ୱର ନଦୀ ବନ୍ଧ ସୁରକ୍ଷା କମିଟି ଓ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ବନ୍ଧରେ ଫାଟ ହେବା ଫଳରେ ନଦୀରେ ବନ୍ୟା ଆସିଲେ ଏହା ଭାଙ୍ଗିବାର ଆଶଙ୍କା ରହିଛି। ବିରୋଧ କରିବା ଯୋଗୁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କିଛି ଦିନ ବନ୍ଦ ରହିଥିଲା। ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନାଉଗାଁ ବିଡିଓଙ୍କ ତତ୍ତ୍ୱାବଧାନରେ ପ୍ରଶାସନିକ ଅଧିକାରୀ ନଦୀବନ୍ଧ ସୁରକ୍ଷା କମିଟି ସଦସ୍ୟମାନଙ୍କୁ ନେଇ ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ନିର୍ମାଣ କରାଯାଉଥିବା ପ୍ରକଳ୍ପ ନିକଟସ୍ଥ ନଦୀବନ୍ଧରେ ଏକ ପଥର ବନ୍ଧ ନିର୍ମାଣ କରାଯିବ। ଫଳରେ ବନ୍ଧରେ କୌଣସି ଅସୁବିଧା ହେବ ନାହିଁ। ପଥର ବନ୍ଧ ନିର୍ମାଣ ହେବାକୁ ନିଷ୍ପତ୍ତି ନିଆଯିବା ପରେ ସ୍ଥାନୀୟ ଜନସାଧାରଣ ଓ ସୁରକ୍ଷା କମିଟିର ସହଯୋଗରେ ପ୍ରକଳ୍ପ କାର୍ଯ୍ୟ କରାଯାଇଥିଲା। ଉକ୍ତ ନିଷ୍ପତ୍ତିକୁ ଦୀର୍ଘ ୩ ବର୍ଷ ପୂରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପଥର ବନ୍ଧ ନିର୍ମାଣ କରାଯାଇ ନାହିଁ। ଫଳରେ ନଦୀରେ ବଡ ଧରଣର ବନ୍ୟା ଆସି ବନ୍ଧ ଭାଙ୍ଗିଲେ ଏହି ବ୍ଲକର ୫ ପଞ୍ଚାୟତ ସମେତ ବାଲିକୁଦା ବ୍ଲକର ୬ଟି ପଞ୍ଚାୟତ ପ୍ରଭାବିତ ହେବାର ଆଶଙ୍କା ଏଡ଼ାଇ ଦେଇ ହେବନି। ତେଣୁ ବିଭାଗ ପକ୍ଷରୁ ଯଦି ବନ୍ଧ ନିର୍ମାଣ କରା ନ ଯାଏ ତେବେ ତୁମ୍ୱେଶ୍ୱର ନଦୀବନ୍ଧ ସୁରକ୍ଷା କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି କମିଟିର ସଦସ୍ୟ ଅଶୋକ ସ୍ୱାଇଁ, ଆର୍ତ୍ତତ୍ରାଣ ଦାସ, ନବ କିଶୋର ମହାନ୍ତି, ବଂଶୀଧର ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ବିଷୟରେ ଜଳସେଚନ ବିଭାଗ ଆଳିପିଙ୍ଗଳ ଡିଭିଜନର ଏସ୍‌ଡିଓ ଫକୀର ଚରଣ ସେଠଙ୍କୁ ପଚାରିବାରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପଥର ପ୍ୟାକିଂ କରାଯାଉଛି। ପଥର ବନ୍ଧ ନିର୍ମାଣ ପାଇଁ ଟେକ୍ନିକାଲ୍ ଟିମ୍ ତଦାରଖ କରି ପ୍ରପୋଜାଲ ଦେଇଛନ୍ତି। ଏହା ଅନୁମୋଦନ ଲାଭ କରିବା ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

# ଚାମ୍ପିୟନ ଯାଜପୁର ମହିଳା କ୍ରିକେଟ ଦଳକୁ ସମ୍ବର୍ଦ୍ଧନା



**ଯାଜପୁର ଟାଉନ,୧୧।୭(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଦ୍ୱାରା ଅନୁଷ୍ଠିତ ଆନ୍ତଃଜିଲା ମହିଳା ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟରେ ଯାଜପୁର ମହିଳା କ୍ରିକେଟ୍ ଦଳ ଚାମ୍ପିୟନ ହୋଇଛି। ଏହି ମ୍ୟାଚ୍ ଭୁବନେଶ୍ୱର ମହିଳା କ୍ରିକେଟ୍ ଦଳ ଓ ଯାଜପୁର ମହିଳା କ୍ରିକେଟ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭୁବନେଶ୍ୱର ମହିଳା କ୍ରିକେଟ୍ ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୨୦ ଓଭର ଖେଳି ୧୧୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଯାଜପୁର ମହିଳା କ୍ରିକେଟ୍ ଦଳ ୧୮.୧ଓଭର ଖେଳି କୌଣସି ଉଇକେଟ୍ ନ ହରାଇ ୧୧୫ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମ୍ୟାଚ୍‌ରେ ଯାଜପୁର ମହିଳା କ୍ରିକେଟ୍ ଦଳ ଚାମ୍ପିୟନ୍ ହୋଇଥିବାରୁ ଓଡ଼ିଶାର କ୍ରିକେଟ୍ ପ୍ରେମୀମାନେ ବେସ୍ ପ୍ରଶଂସା କରୁଥିବାବେଳେ ଯାଜପୁର ସହର କାଳିମେଘାଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ ସଭାପତି ଯଯାତି କେଶରୀ ଦାସ, ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଉପସଭାପତି ପଦାରବିନ୍ଦ ପରିଡ଼ା, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ମହିଳା କ୍ରିକେଟଦଳର ମ୍ୟାନେଜର ଶରତ କୁମାର ଜେନା, ସୁଶାନ୍ତ ସିଂହ, ସ୍ୱସ୍ତିକ୍ ପହି, ପବିତ୍ର ମଲ୍ଲିକ ଓ ଦିବାକର କର ପ୍ରମୁଖ ଯୋଗଦେଇ ମହିଳା କ୍ରିକେଟ ଦଳର ସମସ୍ତ ଖେଳାଳିଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ।

# ନିମ୍ନମାନର ଔଷଧକୁ ନେଇ ବଢୁଛି ଅସନ୍ତୋଷ

**କେନ୍ଦ୍ରାପଡ଼ା,୧୧।୭(ଜଗନ୍ନାଥ ଧଳ)**

**ନିଦ୍ରାରେ ଭେଷଜ ବିଭାଗ**



କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିମ୍ନମାନର ଔଷଧ କାରବାର ଛତୁ ଫୁଟିବା ଭଳି ଔଷଧ ଦୋକାନ ଗଢ଼ି ଉଠୁଛି। ଏ ନେଇ ଜିଲା ଭେଷଜ ବିଭାଗ ଚୁପ୍ ବସିଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଜିଲା ଭେଷଜ ବିଭାଗ ପକ୍ଷରୁ ସମୟାନୁଯାୟୀ ଏବଂ ନିୟମିତ ଚଢ଼ାଉ ନ କରାଯିବା ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାଁ ଭାଁ ଜିଲା ଭେଷଜ ବିଭାଗ ପକ୍ଷରୁ ଚଢ଼ାଉ ଲୋକ ଦେଖାଣିଆ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବିଭାଗୀୟ କର୍ମଚାରୀମାନେ କେଉଁ ୬ ମାସରେ ଥରେ କେବଳ ଦିନ ସମୟରେ ସହରର ଜଣାଶୁଣା ନାମୀଦାମୀ ଦୋକାନରେ ଚଢ଼ାଉ କରି କିଛି କାଗଜପତ୍ର ଯାଞ୍ଚ କରି ଔଷଧର ମାନ ପରୀକ୍ଷା ପାଇଁ ଆଣ୍ଟିବାୟୋଟିକ, କଫ୍ ସିରପ ଗୋଟିଏ ଗୋଟିଏ ଜବତ କରି ଫେରି ଯାଉଥିବା ବେଳେ ଅନ୍ୟ ସମୟରେ ଚଢ଼ାଉ ଆଦୌ କରାଯାଉନାହିଁ। ଫଳରେ ଗ୍ରାମାଞ୍ଚଳରେ ଛତୁ ଫୁଟିଲା ପରି ଏକାଧିକ ବେନାମୀ ଔଷଧ ଦୋକାନ ଷ୍ଟକ୍ ପଏଣ୍ଟ ଖୋଲାଯାଇ ବେପାର ଚାଲିଛି। ତେବେ ଗ୍ରାମାଞ୍ଚଳରେ ଔଷଧର ମାନ ତଦନ୍ତ କରିବା ସହ କଗଜପତ୍ର ଯାଞ୍ଚ ନିତାନ୍ତ ଜରୁରୀ ହୋଇପଡ଼ିଛି। ଜିଲା ଭେଷଜ ବିଭାଗ ପକ୍ଷରୁ ଲୋକ ଦେଖାଣିଆ ଅଦିନିଆ ଯାଞ୍ଚ ଧର୍ମକୁ ଆଖିଠାର ସଦୃଶ। ଏ ନେଇ ଅନେକ ଥର ଗଣମାଧମରେ ଖବର ପ୍ରସାରିତ କରାଯାଉଥିଲେ ମଧ୍ୟ ସେସବୁକୁ ଗ୍ରାମାଞ୍ଚଳରେ ଗଢ଼ି ଉଠିଥିବା ଔଷଧ ଦୋକାନ ମାଲିକମାନେ ଅଣଦେଖା କରି ଚାଲିଛନ୍ତି। ଏପରିକି ଜିଲା ଭେଷଜ ବିଭାଗ ମଧ୍ୟ ଏସବୁକୁ ଅଣଦେଖା କରୁଥିବା ଅନୁମେୟ ହେଉଛି। ବିଭାଗର କୋହଳ ମନୋଭାବ ଲାଗି ଦୋକାନ ମାଲିକମାନେ ବେଖାତିର କରି ମନଇଚ୍ଛା ମିସ ବ୍ରାଣ୍ଡେଡ୍ ବା ବେନାମୀ ଔଷଧ ବିକ୍ରି କରୁଛନ୍ତି। ଏପରି କି ଗ୍ରାହକ ଅଭିଯୋଗ କଲେ ମଧ୍ୟ ଏହାକୁ ନଜର ଅନ୍ଦାଜ କରାଯାଉଛି। ତେବେ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବା ସହ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ନିୟମିତ ବ୍ୟବଧାନରେ ଚଢ଼ାଉ ଜୋରଦାର କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବାବଦରେ ଭେଷଜ ନିରୀକ୍ଷକ ପ୍ରଦୋଷ ସାହୁଙ୍କୁ ପଚାରିବାରେ କଟକ ହେଡ୍ କ୍ୱାର୍ଟରରୁ କେନ୍ଦ୍ରାପଡ଼ା ହେଡ୍ କ୍ୱାର୍ଟର ୭୦ କିମି। କଟକ ଜିଲାର ଛୋଟ ବଜାର ଛାଡ଼ି ୧୧ଟି ସହରର ଔଷଧ ଦୋକାନ ଓ କେନ୍ଦ୍ରାପଡ଼ା ଜିଲାର ୯ ବ୍ଲକର ପ୍ରାୟ ୧୫ରୁ ୨୦ ସହରରେ ଔଷଧ ଦୋକାନ ଅଛି। ୨ଟି ଜିଲା ଚାର୍ଜରେ ଥିବାରୁ ସବୁ ସମୟରେ ବିଭିନ୍ନ ସ୍ଥାନରେ ଠିକ୍ ସମୟରେ ପହଞ୍ଚ ହେଉନାହିଁ। ଜୁନ ୭ରେ ପଟ୍ଟାମୁଣ୍ଡାଇ ସହରରେ ତନଖି କରି କାଗଜପତ୍ର ଯାଞ୍ଚ କରିବା ସହ ଔଷଧର ମାନ ପରୀକ୍ଷା ପାଇଁ ପଠାଯାଇଛି। ଆଗକୁ ତନଖି ଜାରି ରହିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଜୁଲାଇ, ୨୦୨୩



## ସଂକ୍ଷେପରେ

### ୫୦୦ ଗ୍ରାମ ଚାଉଳ କଟ୍‌ନିଛଟ୍‌ନି

ନୟାଗଡ଼,୧୧।୭(ଲୋକନାଥ ମିଶ୍ର):ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର କଦଳୀବନ୍ଧ ଚାଉଳ ଗୋଦାମରେ ଚାଉଳ ବସ୍ତା ପିଛା ୫୦୦ ଗ୍ରାମ ଲେଖାଏଁ ଚାଉଳ କଟନୀଛନଟି ଚାଲିଛି । ଜଣେ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ଏହି କଟ୍‌ନୀଛଟନୀ କରୁଛନ୍ତି । କେତେଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଡିଲରଙ୍କ ଅଭିଯୋଗ ପରେ ଘଟଣା ଲୋକଲୋଚନକୁ ଆସିଛି । ଏପରି କି କଟ୍‌ନୀଛଟ୍‌ନୀକୁ ନେଇ ପାଟିତୁଣ୍ଡ ମଙ୍ଗଳବାର ହୋଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଏଠାରୁ ଚାଉଳ ରାଶନରେ ବଣ୍ଟନ ପାଇଁ ଓଡଗାଁ ଓ ରଣପୁର ବ୍ଲକର ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଡିଲରଙ୍କ ପାଖକୁ ଯାଉଛି ।

### ବିବାଦୀୟ ଜାଗାରେ ଆବାସ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ

ଖଣ୍ଡପଡ଼ା,୧୧।୭(ଅଜୟ କୁମାର ମହାରଣା) ବ୍ଲକ ପ୍ରଶାସନ ପକ୍ଷରୁ ଏକ ବିବାଦୀୟ ଜାଗାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି । ଖଣ୍ଡପଡ଼ା ବ୍ଲକ ଅଧୀନ ଗଡିଆସାହି ପଞ୍ଚାୟତର ନଟବରପୁର ଶାସନ ମୌଜାର ଜଣେ ମହିଳା ହିତାଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ନେଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ନଟବରପୁର ଶାସନ ମୌଜାର ଖାତା ନଂ. ୩୨୯/୧୦୨, ପ୍ଲଟ ନଂ.୭୭୭/୧୫୭୩(କିସମ ଘରବାରି) ଥିବା ୪ ଡେସିମିଲ ଜାଗାକୁ ନେଇ ବିବାଦ ଦେଖା ଦେଇଛି । ଉକ୍ତ ଜାଗା ସମ୍ପର୍କୀତ ମାମଲା ଖଣ୍ଡପଡ଼ା ଦେୱାନୀ ଅଦାଲତରେ ଥିବା ବେଳେ ଜାଗା ଉପରେ ଇଞ୍ଜେକ୍ସନ ସୁଟ ବଳବତ୍ତର ରହିଛି । ପୁନଶ୍ଚ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ଼ ଜିଲାପାଳଙ୍କ ଅଦାଲତରେ ଉକ୍ତ ଜାଗା ସମ୍ପର୍କୀତ ମାମଲା ବିଚାରାଧୀନ ରହିଥିବା ଅଭିଯୋଗ ହୋଇଛି । ଉକ୍ତ ବିବାଦୀୟ ଜାଗାକୁ ଦେଖାଇ ଉକ୍ତ ଗ୍ରାମର କିରଣ ବାଳା ଆଚାର୍ଯ୍ୟଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ ଉଠାଇ ସ୍ଥାନୀୟ ବାସିନ୍ଦା ଯୋଗେଶ୍ୱର ଷଡ଼ଙ୍ଗୀ ଖଣ୍ଡପଡା ବ୍ଲକ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସେ ଗଡିଆସାହି ପଞ୍ଚାୟତ କର୍ତ୍ତୃପକ୍ଷ, ବିଡିଓ ଓ ନୟାଗଡ଼ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏ ସମ୍ପର୍କରେ ଖଣ୍ଡପଡ଼ା ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ସେଠୀଙ୍କୁ ଯୋଗାଯୋଗ କରିବାରେ ଆବଶ୍ୟକ କାଗଜପତ୍ର ତନଖି ପରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଏବେ ଏ ସମ୍ପର୍କରେ ଅଭିଯୋଗପତ୍ର ମିଳିଥିବା ପରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

### ଲଟେରି ନାଁରେ ପେଟ୍ରୋଲ ପମ୍ପରେ ଠକେଇ ଅଭିଯୋଗ

ନୟାଗଡ଼,୧୧।୭(ଲୋକନାଥ ମିଶ୍ର):ନୟାଗଡ଼ ଟାଉନ ଥାନା ଠାରୁ ୫୦ ମିଟର ଦୂର ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡରେ ସାୱାରମଲ ପେଟ୍ରୋଲ ପମ୍ପରେ ଲଟେରୀ ନାଁରେ ଗ୍ରାହକଙ୍କୁ ଠକେଇ କରାଯାଉଥିବା ଅଭିଯୋଗ ହୋଇଛି । ଆଜି କାଲି ବାହାନା ଦେଖାଇ ପେଟ୍ରୋଲ ପକାଇଥିବା ଗ୍ରାହକଙ୍କୁ ଠକେଇ କରାଯାଇଛି । ଏନେଇ କେତେଜଣ ଗ୍ରାହକ ୫-ଟି ସଚିବଙ୍କୁ ଫେରାଦ୍ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ, ସାୱାରମଲ ପେଟ୍ରୋଲ ପମ୍ପରେ ଗତ ଏପ୍ରିଲ ମାସରେ ତେଲ ଭରୋ ଇନାମ୍ ପାଓ ନାମରେ ଏକ ଲଟେରୀ ସ୍କିମ କରାଯାଇଥିଲା । ଏହି ସ୍କିମ ମେ ୭ ତାରିଖ ପର୍ଯ୍ୟନ୍ତ ଥିଲା । ବାଇକ୍‌ରେ ୨ ଶହ ଓ ଅନ୍ୟ ଯାନବାହାନରେ ୫୦୦ ଟଙ୍କାର ପେଟ୍ରୋଲ ପକାଇଲେ ଗ୍ରାହକ ଲଟେରୀ କୁପନ ପାଉଥିଲେ । ଲଟେରୀ କୁପନ୍ ଲୋଭରେ ଅନେକ ଗ୍ରାହକ ଅନ୍ୟ ପେଟ୍ରୋଲ ପମ୍ପ ଛାଡି ସାୱାରମଲ ପେଟ୍ରୋଲ ପମ୍ପକୁ ଆସି ତେଲ ପକାଉଥିଲେ । ଟିଭି, ଫ୍ରିଜ ଭଳି ଅନେକ ଲୋଭନୀୟ ଆକର୍ଷଣୀୟ ଉପହାର ରହିଥିବା ଲଟେରୀର ଉଠାଣ ତାରିଖ ମେ ୭ ରହିଥିଲା । ତେବେ ମେ ୭ ଯାଇ ଜୁଲାଇ ୧୧ ହୋଇଥିଲେ ମଧ ଲଟେରୀ ଉଠିଲା ନାହିଁ । ଲଟେରୀ ଉଠାଣ ନେଇ ଗ୍ରାହକ ପଚାରିଲେ ଆଜି, କାଲି କହି ପେଟ୍ରୋଲ ପମ୍ପ ମାଲିକ ସମୟ ଗଡାଇ ଚାଲିଥିବା ଅଭିଯୋଗ ହୋଇଛି । ଏନେଇ ସାୱାରମଲ ପେଟ୍ରୋଲ ପମ୍ପର ମାଲିକ ଆଶିଷ ଅଗ୍ରୱାଲଙ୍କୁ ପଚାରିବାରୁ ଆସନ୍ତା ରବିବାର ଲଟେରୀ ଉଠାଣ କରାଯିବ ବୋଲି କହିଛନ୍ତି । ବିଳମ୍ବ ହୋଇ ଯାଇଛି, ତେବେ କାହାକୁ ଠକେଇ କରିବା ଉଦ୍ଦେଶ୍ୟ ନୁହେଁ ବୋଲି ସେ କହିଛନ୍ତି ।

# ସ୍ୱାସ୍ଥ୍ୟ କର୍ମଚାରୀଙ୍କ ବଦଳିକୁ ନେଇ ବିବାଦ

ନୟାଗଡ଼,୧୧।୭(ଲୋକନାଥ ମିଶ୍ର):

**ଲାଞ୍ଚ କାରବାର ଅଭିଯୋଗ**

- ପଦୋନ୍ନତିରେ ଚଞ୍ଚକତା କରି ଡିଏଚ୍‌ଏଚ୍‌ରେ ଥଇଥାନ
- ସିଡିଏମ୍‌ଓଙ୍କ ବଦଳି ପରେ ବଦଳି କରିବା ସୃଷ୍ଟି କଲା ସନ୍ଦେହ
- ବଦଳି କମିଟିର ବୈଠକ ନ କରି ଅସମୟରେ ହୋଇଛି ବଦଳି
- ବେଆଇନ ବଦଳିକୁ ପ୍ରତ୍ୟାହାର ପାଇଁ ଉଠିଲା ଦାବି

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା ବଦଳି ଆଦେଶ ପ୍ରକାଶ ପାଇବା ପରେ ତରବରିଆ ବଦଳି କରିବାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏପରି କି ଏହି ବଦଳିରେ ଲାଞ୍ଚ କାରବାର କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି । ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ଜଣେ ସିନିୟର ଆସିଷ୍ଟାଣ୍ଟଙ୍କ ପଦୋନ୍ନତିରେ ଚଞ୍ଚକତା କରାଯାଇଛି । ସଂପୃକ୍ତ ସିନିୟର ଆସିଷ୍ଟାଣ୍ଟଙ୍କୁ ଅନ୍ୟତ୍ର ବଦଳି କରା ନ ଯାଇ ଡିଏଚ୍‌ଏଚ୍‌ରେ ଥଇଥାନ କରାଯାଇଛି । ଅନ୍ୟପକ୍ଷେ ଜୁନ୍‌ରେ ବଦଳି କରିବାର ନିୟମ ରହିଥିବାବେଳେ ସେହି ମାସରେ ବଦଳି ନ କରି ଜୁଲାଇରେ ବଦଳି କରିବା ନାନା ପ୍ରଶ୍ନ ସୃଷ୍ଟି କରିଛି । ପୁଣି ସ୍ୱାସ୍ଥ୍ୟ ବିଭାଗର ବଦଳି କମିଟି ବୈଠକ ମାର୍ଚ୍ଚରୁ ଜୁନ ୧୫ ମଧ୍ୟରେ ନ କରି ତରବରିଆ ବଦଳି କରାଯାଇଥିବାରୁ କେତେଜଣ କର୍ମଚାରୀ କୋର୍ଟ ଯିବାକୁ ପ୍ରସ୍ତୁତ ହେଉଛନ୍ତି । ଏଣୁ ବେଆଇନ ବଦଳି ଓ ପଦୋନ୍ନତିକୁ ତଦନ୍ତ କରାଯିବା ସହ ନୂଆ ସିଡିଏମଓ ଏପରି ନିଯୁକ୍ତିକୁ ବାତିଲ୍ କରିବାକୁ ଦାବି କରାଯାଇଛି । ଅଭିଯୋଗ ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟର ସେକ୍ସନ ଅଫିସର ବାଳକୃଷ୍ଣ ଦାଶ ୧୯୯୪ରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରି ଆସୁଛନ୍ତି । ସେ ୧୯୯୪ରେ ଜୁନିୟର ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ପାଇଥିଲେ । ପରେ ୨୦୦୬ରେ ସିନିୟର ଆସିଷ୍ଟାଣ୍ଟ ପଦୋନ୍ନତି ପାଇ ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଲେ । ଏବେ ପୁଣି ଜୁଲାଇ ୧ରେ ଅନୁରୂପ ଭାବେ ଦାଶ ସେକ୍ସନ ଅଫିସର ଭାବେ ପଦୋନ୍ନତି ପାଇ ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଛନ୍ତି । ତାଙ୍କ ପଦୋନ୍ନତି ବେଆଇନ ଭାବେ ହୋଇଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ଜଣେ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୨୮ ବର୍ଷ ଧରି ରହିଥିଲେ ମଧ ତାଙ୍କୁ କାହିଁକି ବଦଳି ନ କରି ବାରମ୍ବାର ଥଇଥାନ କରାଯାଉଛି ତାହା ବିବାଦ ସୃଷ୍ଟି କରିଛି । ସେହିଭଳି ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ସଞ୍ଜୀବ ପଣ୍ଡାଙ୍କ ଘୁଗୁଡିପଡା ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ବଦଳି କରାଯାଇଛି । ଅନ୍ୟପକ୍ଷେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଲାବୋରୋଟାରୀ ଟେକନସିଆନ ଦେବାଶିଷ ରାଉତଙ୍କ ମଧ ବଦଳି ହୋଇଛି । ରାଉତଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଛି । ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟର ଲାବୋରୋଟାରୀ ଟେକନସିଆନ ଲିପ୍ସା ସାହୁଙ୍କୁ ପୋଲିସ ଟ୍ରେନିଂ ସ୍କୁଲର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନୁରୂପ ଭାବେ ବଦଳି କରାଯାଇଛି । ପୋଲିସ ଟ୍ରେନିଂ ସ୍କୁଲର ଲାବୋରୋଟାରୀ ଟେକନସିଆନ ଦୋଳଗୋବିନ୍ଦ ସାହୁଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଛି । ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚୈତନ୍ୟ ରାଉତଙ୍କୁ ପ୍ରଥମେ ପୋଲିସ ଟ୍ରେନିଂ ସ୍କୁଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଛି । ଜୁଲାଇ ମାସରେ ଯେଉଁ କେତେଜଣଙ୍କ ବଦଳି ଓ ପଦୋନ୍ନତି ଦିଆଯାଇଛି ତା'ପଛରେ ମୋଟା ଅଙ୍କର ଅର୍ଥ କାରବାର ଅଭିଯୋଗ ଉଠିଛି । ଯାହାକି ତଦନ୍ତସାପେକ୍ଷ । ଏନେଇ ନୟାଗଡ଼ର ସାମାଜିକ କର୍ମୀ ଭବାନୀ ଶଙ୍କର ଦାଶ କୁହନ୍ତି, ସିଡିଏମ୍‌ଓ ବଦଳି ହୋଇ ସାରିଲା ପରେ ବଦଳି କରିବା ସନ୍ଦେହ ଘେରକୁ ଆସିବା ସ୍ୱାଭାବିକ । ସେ କେଉଁ ମୁହୂର୍ତ୍ତରେ ରିଲିଭ ହୋଇ ପାରନ୍ତି । ବଦଳି ଆଦେଶର ପୂର୍ବରୁ ସିଡିଏମ୍‌ଓଙ୍କୁ ବଦଳି କରିଥିଲେ ଏ ପ୍ରଶ୍ନ, ସନ୍ଦେହ ଉଠି ନ ଥାନ୍ତା । ନୂଆ ସିଡିଏମଓ ଏହାର ତଦନ୍ତ କରି ପଦକ୍ଷେପ ନିହାତି ନେବା ଜରୁରୀ । ନଚେତ୍ ଲୋକଙ୍କ ସନ୍ଦେହ ସତ୍ୟ ବୋଲି ଧରିବାକୁ ପଡିବ ବୋଲି କହିଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କହିଛନ୍ତି, ପଦୋନ୍ନତି ଓ ବଦଳିରେ କୌଣସି ଅନିୟମିତତା ହୋଇନି । ଅର୍ଥ କାରବାର ଅଭିଯୋଗ ମିଥ୍ୟା । ସବୁ କିଛି ଆଇନର ପରିଧି ମଧ୍ୟରେ ହୋଇଛି ।

# କୁଟୁରା, ଝିଙ୍କ ମାଂସ ଜବତ: ୨ ଗିରଫ



ଜବତ ମାଂସ ସହ ଗିରଫ ହୋଇଥିବା ୨ ଶିକାରୀ ।

ଗଣିଆ,୧୧।୭(ସନ୍ତୋଷ କୁମାର ପ୍ରଧାନ)

କୁଟୁରା ଓ ଝିଙ୍କ ମାଂସ ନେଉଥିବା ବେଳେ ସୋମବାର ଅପରାହ୍ନରେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ କର୍ମଚାରୀମାନେ ୨ଜଣଙ୍କୁ ଗିରଫ କରିଛନ୍ତି । ଗିରଫ ୨ଜଣ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଘୁଗୁଡିପଡ଼ା ପଞ୍ଚାୟତ ଲୋଧାପଙ୍କା ଗ୍ରାମର ରତ୍ନାକର ଦଳବେହେରା (୩୫) ଓ ଅକ୍ରୁର ନାୟକ (୪୫) ।

ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ରତ୍ନାକର ଏକ ବାଇକ୍‌ରେ କୁଟୁରା ଓ ଝିଙ୍କ ମାଂସ ନେଇ କଟକ ଜିଲା ନରସିଂହପୁର କମଳାଡିହ ଅଞ୍ଚଳକୁ ଯାଉଥିଲେ। ବଡ଼ମୂଳ ଚେକ୍‌ଗେଟ୍ ନିକଟରେ ଫରେଷ୍ଟର ଦେବାଶିଷ ବେହେରା, ପ୍ରତାପ କୁମାର ସେଠୀ ଓ ସଞ୍ଜୟ କୁମାର ରାଉତ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଆନୁମାନିକ ୧କେଜି ଲେଖାଏ କୁଟୁରା ଓ ଝିଙ୍କ ମାଂସ ସହ ଏକ ପୁଟା ମିଳିଥିଲା। ପରେ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ମୌସୁମୀ ବେହେରାଙ୍କ ନେତୃତ୍ୱରେ ବନକର୍ମଚାରୀମାନେ ଲୋଧାପଙ୍କା ଗ୍ରାମରେ ଚଢାଉ କରି ଶିକାରରେ ସଂପୃକ୍ତ ଅକ୍ରୁରଙ୍କୁ ଗିରଫ କରିଥିଲେ। ୨ ଶିକାରୀଙ୍କଠାରୁ ମାଂସ ଜବତ ସହ ଏକ ବାଇକ୍(ନଂ.ଓଡି ୨୫ ଏଲ ୩୨୫୨) ଓ ହେଡ୍ ଲାଇଟ୍‌କୁ ଜବତ କରାଯାଇଛି । ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା(ନଂ.୦୧/୨୩) ରୁଜୁ କରାଯାଇ ରତ୍ନାକର ଓ ଅକ୍ରୁରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ବନାଞ୍ଚଳ ଅଧିକାରୀଙ୍କ ତରଫରୁ ସୂଚନା ମିଳିଛି ।

# ସିରିଜ୍ ଲୁଟ୍‌ର ୨ ଲୁଟେରା ଜେଲ ଗଲେ

## ଗୋଟିଏ ଦିନରେ ୩ ମହିଳାଙ୍କ ଠାରୁ ହୋଇଥିଲା ଲୁଟ୍

ନୟାଗଡ଼ ଅଫିସ,୧୧।୭(ଲୋକନାଥ ମିଶ୍ର): ନୟାଗଡ଼ ଟାଉନ ଥାନା ଓ ରଣପୁର ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ସିରିଜ୍ ଲୁଟ୍ କରିଥିବା ୨ ଲୁଟେରାଙ୍କୁ ନୟାଗଡ଼ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ଟାଉନ ଥାନା ଗଡଖୋର୍ଦ୍ଧା ହାଉସିଂ ବୋର୍ଡ କଲୋନୀର କାଳି ପ୍ରସାଦ ରାଉତ(୨୭) ଓ ପଲ୍ଲା ମଝି ସାହିର ସମ୍ପଦ ଦାସ(୨୮)ଙ୍କୁ ନୟାଗଡ଼ ସବଜେଲକୁ ପଠାଇ ଦିଆଯାଇଛି । ଯେଉଁ ୩ଜଣ ମହିଳାଙ୍କ ଠାରୁ ଲୁଟ୍ ହୋଇଥିଲା ସେଥିରେ ନୟାଗଡ଼ ସଦର ଥାନାର ପୂର୍ବତନ ମହିଳା ଆଇଆଇସି ଥିଲେ । ଲୁଟେରାଙ୍କଠାରୁ ୪ଟି ସୁନା ଚେନ ଓ ଲୁଟ୍‌ରେ ବ୍ୟବହାର ହୋଇଥିବା ବ୍ଲୁ ରଙ୍ଗର ବାଇକ୍ ଜବତ ହୋଇଛି । ଏ ଅବସରରେ ନୟାଗଡ ଟାଉନ ଥାନାର ସମ୍ମିଳନୀ କକ୍ଷରେ ନୟାଗଡ଼ ଏସଡିପିଓ ସ୍ନେହାଶିଷ ସାହୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରାଇ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛନ୍ତି । ଗତ ୯ ତାରିଖ ଅପରାହ୍ନରେ କାଳି ପ୍ରସାଦ ଦାସ ଓ ସମ୍ପଦ ଦାସ ଏକ ବ୍ଲୁ ରଙ୍ଗର ବାଇକରେ ନୟାଗଡ଼ ଶରଣକୁଳ ରାସ୍ତାର ପଣ୍ଡା କ୍ଲିନିକ୍ ନିକଟରୁ ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲର ଷ୍ଟାଫନର୍ସ ଅମିତା କୁମାରୀ ଦିବ୍ୟରୂପାଙ୍କ ଠାରୁ ଏକ ସୁନା ଚେନ ଲୁଟି ନେଇଥିଲେ । ପରେ ନୟାଗଡ଼ ସଦର ଥାନାର ପୂର୍ବତନ ଆଇଆଇସି ମନୋରମା ମଲ୍ଲିକଙ୍କଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟର ପଛପାଖ ବ୍ୟବଛେଦ ଗୃହ ନିକଟରୁ ଅନୁରୂପ ଭାବେ ସୁନା ଚେନ ଲୁଟି ନେଇଥିଲେ । ଶେଷରେ ରଣପୁର ଥାନାର ଶରଙ୍ଗଧରପୁରଠାରେ ପ୍ରଗତି ଗଜେନ୍ଦ୍ରଙ୍କ ଠାରୁ ଆଉ ଏକ ସୁନା ଚେନ ଲୁଟ୍ କରି ଖୋର୍ଦ୍ଧା ଚାଲି ଯାଇଥିଲେ । ୩ ମହିଳା ସ୍କୁଟିରେ ଯାଉଥିବାବେଳେ ଲୁଟ୍ ହୋଇଥିଲା । ଏନେଇ ନୟାଗଡ଼ ଟାଉନ ଥାନାରେ ୧୧୭/୨୩, ୧୧୮/୨୩ ଓ ରଣପୁର ଥାନାରେ ୧୮୪/୨୩ରେ ୩ଟି ମାମଲା ହୋଇଥଲା । ମାମଲା ପରେ ସିରିଜ୍ ଲୁଟେରାଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧାରେ ସୋମବାର ଚଢ଼ାଉ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଥିଲା । ତେବେ ଲୁଟେରାଙ୍କୁ ଧରିବାରେ ନୟାଗଡ ସହରରେ ଲାଗିଥିବା ସିସିଟିଭି କ୍ୟାମେରା ସଫଳତା ଦେଇଛି । ଖବରଦାତା ସମ୍ମିଳନୀରେ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା ଉପସ୍ଥିତ ଥିଲେ ।

- ମହିଳାଙ୍କ ମଧ୍ୟରେ ଜଣେ ଆଇଆଇସି ଥିଲେ
- ଚଳନ୍ତା ସ୍କୁଟିରୁ ଛିଣ୍ଡାଇ ନେଇଥିଲେ ସୁନାଚେନ



# ଶରଣକୁଳ ମହାବିଦ୍ୟାଳୟରେ ବନ ମହୋତ୍ସବ

ଶରଣକୁଳ,୧୧।୭(ଦୀପକ କର):

ମଙ୍ଗଳବାର ଶରଣକୁଳ ମହାବିଦ୍ୟାଳୟ ପରିସର ବନ ମହୋତ୍ସବ ପରିପ୍ରେକ୍ଷୀରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟଟି ଭଣ୍ଡାର ପାହାଡ ଉପରେ ସ୍ଥାପିତ ହୋଇଥିବାରୁ ଏଠାରେ ଚାରା ରୋପଣର ଆବଶ୍ୟକତା ରହିଛି । ଏହି କାର୍ଯ୍ୟକ୍ରମରେ ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ, ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ରଥ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗୀଶ୍ୱର ନାୟକ, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ.ବ୍ୟୋମକେଶ ରଥ, ରେଡକ୍ରସସ ସୋସାଇଟିର ଉପଦେଷ୍ଟା ଦିଲୀପ କୁମାର ସାହୁ, ଜାତୀୟ ସାମାଜିକ ସେବା ସଂସ୍ଥା ଅଧିକାରିଣୀ ପ୍ରତିମା ବେହେରା ଏବଂ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ଆଜି ଦାଶିଆ ଅଜାଙ୍କ ଜୟନ୍ତୀ

ନୟାଗଡ଼ ଅଫିସ,୧୧।୭(ଲୋକନାଥ ମିଶ୍ର):



ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ସାରସ୍ୱତ ସାଧକ, ନିଷ୍ଠାପର ସମାଜସେବୀ ଦାଶରଥି ପଟ୍ଟନାୟକ ଓରଫ ଦାଶିଆ ଅଜା ଥିଲେ ଓଡ଼ିଶାର ବିସ୍ମୟ ପ୍ରତିଭା । ଜୁଲାଇ ୧୨ ଅର୍ଥାତ୍ ବୁଧବାର ତାଙ୍କ ୧୧୬ତମ ଜୟନ୍ତୀ ପାଇଁ ସମସ୍ତ ପ୍ରସ୍ତୁତି ଚାଲିଛି । ଦଶ ପଇସାର ରଜା ଦାଶିଆ ଅଜା ଥିଲେ ଜଣେ ସାଧାରଣ ମଣିଷ । ତାଙ୍କର ଅଧା ଲଙ୍ଗଳା ବେଶ ଦେଖିଲେ କେହି କହିବେନି ଦାଶିଆ ଅଜା ଥିଲେ ପାଠଗାର ଆନ୍ଦୋଳନର ପ୍ରବାଦ ପୁରୁଷ । ଏହି ମହନୀୟ ବ୍ୟକ୍ତିତ୍ୱ ମୁଠାଏ ମୁଢ଼ି ଓ କପେ ନାଲି ଚା'ରେ ବେଶ ଖୁସି ରହୁଥିଲେ। ଦାଶିଆ ଅଜା ବାହାରକୁ ବାହାରିଲେ କାନ୍ଧରେ ଝୁଲାମଣି ହାତରେ ଶୋଭା ପାଉଥିଲା ଠେଙ୍ଗା । ନୂଆଗାଁ ବ୍ଲକର ଉଦୟପୁର ଗାଁର ଏହି ବ୍ୟକ୍ତିତ୍ୱ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ପୁସ୍ତକ, ପତ୍ରପତ୍ରିକା, ପୋଥି, ବିଭିନ୍ନ ଖବରକାଗଜ, ବିଭିନ୍ନ ପୁରୁଣା ଉପକରଣ ସଂଗ୍ରହ କରି ସେ ଉଦୟପୁରରେ ଗଠନ କରିଥିଲେ ପାଠାଗାର, ସଂଗ୍ରହାଳୟ,ସାହିତ୍ୟ ସଂସଦ ଓ ଗବେଷଣାଗାର । ଏଠାରେ ବିଭିନ୍ନ ଭାଷାର ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ପୁସ୍ତକ, ପତ୍ର ପତ୍ରିକା, ତାଳପତ୍ର ପୋଥି ଓ ବିଭିନ୍ନ ପ୍ରକାରର ଦୁର୍ଲଭ ଉପକରଣ ଦେଖିବାକୁ ମିଳେ। ୧୯୦୭ ଜୁଲାଇ ୧୨ରେ ନୟାଗଡ଼ ଜିଲାରେ ଜନ୍ମ ଗ୍ରହଣ କରି ଜିଲା ପାଇଁ ଆଲୋକବର୍ତ୍ତିକା ହୋଇ ରହିଛନ୍ତି । ପ୍ରତିଦିନ ସେ ୧୦୦ରୁ ଊର୍ଦ୍ଧ୍ୱ ପୋଷ୍ଟ କାର୍ଡ ଲେଖି ବିଭିନ୍ନ ଲୋକଙ୍କ ପାଖକୁ ପଠାଉଥିଲେ । ସଂପୃକ୍ତ ପୋଷ୍ଟ କାର୍ଡ ଯେଉଁମାନେ ପାଉଥିଲେ ସେମାନେ ନିଜକୁ ଭାଗ୍ୟବାନ ମାନୁଥିଲେ ।

# ବିଦ୍ୟୁତ୍ ଆଘାତରେ ମହିଳା ମୃତ

ଭାପୁର,୧୧।୭ (ଭରତ କୁମାର ହେରା )

ଫତେଗଡ ଥାନା ଅନ୍ତର୍ଗତ ବନମାଳୀପୁର ପଞ୍ଚାୟତ ବାସୁଦେବପୁର ଗ୍ରାମରେ ଜଣେ ମହିଳାଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି । ମହିଳା ଜଣଙ୍କ ହେଲେ ଚିନ୍ତାମଣୀ ବାରିକଙ୍କ ସ୍ତ୍ରୀ ମଲ୍ଲିକା (୬୪)। ସେ ମଙ୍ଗଳବାର ଛାତ ଉପରକୁ ଲୁଗା ଶୁଖାଇବା ପାଇଁ ଯାଇଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଣ୍ଡପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ଫତେଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୫-ଟି ସଚିବଙ୍କ ଗସ୍ତକୁ ନେଇ ଚଳଚଞ୍ଚଳ ନୟାଗଡ଼

## ଜିଲାପାଳ, ଏସ୍‌ପି ପରିଦର୍ଶନ କଲେ ଡିଏଚ୍‌ଏଚ୍



ଡିଏଚ୍‌ଏଚ୍‌ରେ ଜିଲାପାଳ ଓ ଏସ୍‌ପି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ନୟାଗଡ଼,୧୧।୭(ଲୋକନାଥ ମିଶ୍ର):

୫-ଟି ସଚିବ ଭି.କେ. ପାଣ୍ଡିଆନ ଚଳିତ ମାସ ୨୦ରେ ନୟାଗଡ଼ ଗସ୍ତରେ ଆସୁଥିବା ଜଣାପଡିଛି। ଏହି ଅବସରରେ ପ୍ରଶାସନିକ ସ୍ତରରେ ପ୍ରତ୍ୟହ ସମୀକ୍ଷା ଓ ପ୍ରକଳ୍ପ ଉଦ୍‌ଘାଟନ ସ୍ଥଳକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଅନ୍ୟ ପଦାଧିକାରୀ ଅଚାନକ ଗସ୍ତ କରୁଛନ୍ତି । ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ସହ ଜିଲାପାଳଙ୍କ ଆଲୋଚନା ହୋଇଥିଲା । ପରେ ଜିଲାପାଳ ଏସ୍‌ପି ରାହୁଲ ଜୈନଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟର ଉଦ୍‌ଘାଟନ ହେବାକୁ ଥିବା ୧୦୦ ଶର୍ଯ୍ୟା ବିଶିଷ୍ଟ ମୋ ସରକାର ଡାକ୍ତରଖାନା ବୁଲି ଦେଖିଥିଲେ । ଏଠାରେ ସିଡିଏମ୍‌ଓ ମକରନ୍ଦ ବେଉରା ଉପସ୍ଥିତ ଥିଲେ ।

# ନିରପେକ୍ଷ ଖବର ପ୍ରକାଶ ପାଇଲେ ବହୁ ସମସ୍ୟାର ସମାଧାନ ହୁଏ

## ଓଡ଼ଗାଁ ସାମ୍ବାଦିକ ସଂଘର ସ୍ୱର୍ଣ୍ଣକ୍ଷେତ୍ର ଦିବସ ପାଳିତ

ଓଡ଼ଗାଁ,୧୧।୭(ଆଦର୍ଶ କୁମାର ପଟ୍ଟନାୟକ)



ଓଡ଼ଗାଁ ସାମ୍ବାଦିକ ସଂଘର ସ୍ୱର୍ଣ୍ଣକ୍ଷେତ୍ର ଦିବସରେ ମଞ୍ଚାସୀନ ଅତିଥି ।

ଓଡ଼ଗାଁ ସାମ୍ବାଦିକ ସଂଘର ତୃତୀୟ ସ୍ୱର୍ଣ୍ଣକ୍ଷେତ୍ର ଦିବସ ବ୍ଲକ ସଦ୍‌ଭାବନା ଗୃହରେ ମଙ୍ଗଳବାର ଅପରାହ୍ନରେ ସଭାପତି ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ,ମୁଖ୍ୟବକ୍ତାରୂପେ ବିଡ଼ିଓ ତଥା ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଯୋଗ ଦେଇଥିଲେ। ବ୍ଲକ ପ୍ରଶାସନ ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ଓଡ଼ଗାଁ ସାମ୍ବାଦିକ ସଂଘ ସେତୁବନ୍ଧ ସଦୃଶ କାର୍ଯ୍ୟ କରି ସାଧାରଣ ଲୋକଙ୍କ ପାଖରେ ରାଜ୍ୟସରକାରଙ୍କ ଜନମଙ୍ଗଳକାରୀ ଯୋଜନାଗୁଡିକ ପହଞ୍ଚାଇବାରେ ସହଯୋଗ କରିଥାଏ। ସଂଘର ଏକତା ବଜାୟ ରହିଲେ ପ୍ରଶାସନ ଓ ସାଧାରଣ ଜନତା ଉଭୟେ ଲାଭବାନ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୌଣସି କାମ କଲେ କିଛି ଭୁଲ ହେବାର ସମ୍ଭାବନା ଥାଏ। ପ୍ରଶାସନ ବେଳେବେଳେ ବାଟ ଭୁଲିଲେ ଗଣମାଧ୍ୟମ ରାସ୍ତା ଦେଖାଇଥାଏ, ନିରପେକ୍ଷ ଖବର ପ୍ରକାଶ କରି ପ୍ରଶାସନ ଏବଂ ଜନତାଙ୍କୁ ଦିଗଦର୍ଶନ ଦେଲେ ବହୁ ସମସ୍ୟାର ସମାଧାନ ହୋଇପାରିବ। ଏହାର ଶ୍ରେୟ ସାଧାରଣ ଜନତା ପାଇବେ। ଅନ୍ୟପକ୍ଷେ ସାମ୍ବାଦିକ ସଂଘର ସ୍ଥାୟୀ ଗୃହ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସଂଘ ପକ୍ଷରୁ ବିଡ଼ିଓ ତଥା ଏନଏସି ନିର୍ବାହୀ ଅଧିକାରୀ ଜେନା ଓ ବ୍ଲକ ଅଧ୍ୟକ୍ଷ ସାହୁଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ସଂଘର ଉପସଭାପତି ଆଦର୍ଶ ପଟ୍ଟନାୟକ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିବାକୁ ଶୁଭାରମ୍ଭ କରାଯାଇଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହାର ପଞ୍ଜୀକରଣ ନିମନ୍ତେ ସରଳ ଉପାୟ ସଂକ୍ରାନ୍ତରେ ବର୍ଣ୍ଣନା କରିଥିଲେ। କୋଷାଧ୍ୟକ୍ଷ ସାରସ କୁମାର ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଫକୀର ମୋହନ ମହାରଣା, ନାରାୟଣ ପାଣିଗ୍ରାହୀ,ସୁନୀଲ ପଟ୍ଟନାୟକ,ଜୟ ନାରାୟଣ ସାହୁ,ରାମକୃଷ୍ଣ ପରିଡା,ଅର୍ଜୁନ ସାହୁ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଗଣେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହିତ ସକାଳେ ଓଡ଼ଗାଁକୁ ପ୍ରଥମେ ଗସ୍ତରେ ଆସିଥିବା ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଓ ଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କୁ ବ୍ଲକରେ ଭେଟି ସଂଘ ତରଫରୁ ଫୁଲତୋଡା ଦେଇ ଉଭୟଙ୍କ ସହଯୋଗ କାମନା କରାଯାଇଥିଲା ।

